READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର
ଅନୁସନ୍ଧାନ ପରେ ଖବର



ବର୍ଷ-୫ ସଂଖ୍ୟା-୧୭ ୧୦ - ୧୬ ମଇ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-17 10th - 16th MAY, 2021 BHUBANESWAR ₹ 5/- (8 Pages)

## ଦେଶରେ କରୋନା ସଂକ୍ରମଣ

# ଶୀଘ୍ର ଶୀର୍ଷ ଛୁଇଁବ

**ନୂଆଦିଲ୍ଲୀ / ଭୁବନେଶ୍ୱର :** ଦେଶରେ ମହାମାରୀ କରୋନାର ସଂକ୍ରମଣ ଆଗାମୀ ଅଳ୍ପଦିନ ମଧ୍ୟରେ ଶୀର୍ଷ ଛୁଇଁବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ଗାଣିତିକ ନମୁନା ଆଧାରରେ ଭବିଷ୍ୟବାଣୀ କରାଯାଇଛି। ଏବେ ଦେଶରେ ଦୈନିକ ସଂକ୍ରମଣ ୪ଲକ୍ଷ ଉପରେ ରହିବା ସହ ମୃତକଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। ବର୍ତ୍ତମାନ ସ୍ଥିତିରେ ସଂକ୍ରମଣର ଶୀର୍ଷ ଗଣନା କରିବା ଜଟିଳ ହୋଇପଡିଛି ବୋଲି ଏହି ଗାଣିତିକ ମଡେଲର ଅନ୍ୟତମ ସଂଯୋଜକ ତଥା ହାଇଦ୍ରାବାଦସ୍ଥିତ ଆଇଆଇଟିର ପ୍ରଫେସର ମଥୁକୁମାଲି ବିଦ୍ୟାସାଗର କହିଛନ୍ତି। ପ୍ରଫେସର ବିଦ୍ୟାସାଗରଙ୍କ ଦଳ ଗତମାସରେ କରିଥିବା ପୂର୍ବାନୁମାନ ଭୁଲ ହୋଇଥିଲେ ହେଁ ପ୍ରଧାନମନ୍ତ୍ରୀ ଲକଡାଉନ୍‌କୁ ଏଡାଇ ଚାଲିଥିବାରୁ ଏପରି ଗଣନା ଗୁରୁତ୍ୱ ବହନ କରୁଛି। ଉଲ୍ଲେଖଥାଉ କି, ପ୍ରଫେସର ବିଦ୍ୟାସାଗର ଗତମାସ ମଧ୍ୟଭାଗ ଆଡକୁ ଦେଶରେ କରୋନା ସଂକ୍ରମଣ ଶୀର୍ଷ ଛୁଇଁବ ବୋଲି କହିଥିଲେ। ତାଙ୍କ କହିବା କଥା, କାନପୁର ଆଇଆଇଟି ପ୍ରଫେସର ମନୀନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ମଡେଲ ଅନୁସାରେ, ଚଳିତ ମାସ ମଧ୍ୟ ଭାଗ ଆଡକୁ ଦେଶରେ ସଂକ୍ରମଣ ଶୀର୍ଷ ଛୁଇଁବ। ଆଗାମୀ ଜୁନ୍ ଶେଷ ବେଳକୁ ଦୈନିକ ସଂକ୍ରମଣ ୨୦ ହଜାରକୁ କମି ଆସିଥିବ। ଅପରପକ୍ଷେ, ଚଳିତମାସ ୭ ବେଳକୁ ମଧ୍ୟ ସଂକ୍ରମଣ ଶୀର୍ଷ ଛୁଇଁବ ବୋଲି ନିକଟରେ ଭବିଷ୍ୟବାଣୀ କରିଥିଲେ ହେଁ, ତାହା ଘଟିନାହିଁ। ତେବେ ଏହି ଗାଣିତିକ ମଡେଲରେ ବ୍ୟବହୃତ ବିଭିନ୍ନ ଉପାଦାନ (ପାରାମିଟର) ଗୁଡିକ ଧାରାବାହିକ ଭାବେ ପରିବର୍ତ୍ତିତ ହେଉଥିବାରୁ ଏପରି ପୂର୍ବାନୁମାନ ଏପଟ ସେପଟ ହେଉଛି ବୋଲି ସେ କହିଛନ୍ତି। ତେବେ ଦେଶର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମଣର ନୂଆ ମାମଲାରେ ହ୍ରାସ ବୃଦ୍ଧି ଦେଖିବାକୁ ମିଳୁଛି। ତେବେ ମହାରାଷ୍ଟ୍ର,



ଉତ୍ତରପ୍ରଦେଶ, ଦିଲ୍ଲୀ, ଛତିଶଗଡ, ଗୁଜରାଟ, ମଧ୍ୟପ୍ରଦେଶ, ତେଲେଙ୍ଗାନା ଏବଂ ଝାଡଖଣ୍ଡରେ ଦୈନିକ ସଂକ୍ରମଣରେ କିଛିଦିନ ହେଲା ଲଗାତାର ହ୍ରାସ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଏହି ରାଜ୍ୟ ଗୁଡିକରେ ସଂକ୍ରମଣ ହ୍ରାସ ପାଉଥିବାରୁ ଏହି ସ୍ଥିତି ସପ୍ତାହେ ପର୍ଯ୍ୟନ୍ତ କାଏମ ରହିଲେ ହିଁ ପରିସ୍ଥିତି ସୁଧୁରୁଥିବା କୁହାଯାଇପାରିବ। ଅନ୍ୟପକ୍ଷରେ କର୍ଣ୍ଣାଟକ, କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଓଡ଼ିଶା ଆଦି ରାଜ୍ୟରେ ନୂଆ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି।

ଭାରତରେ କରୋନା ଭାଇରସର ଦ୍ୱିତୀୟ ଲହର ଏବେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ପ୍ରତିଦିନ ଦେଶରେ ସଂକ୍ରମଣ ନୂଆ ରେକର୍ଡ ସୃଷ୍ଟି କରୁଛି। ମୃତ୍ୟୁସଂଖ୍ୟା ଲଗାତାର ବଢୁଥିବାରୁ ଭୟ ମଧ୍ୟ ବଢ଼ିଛି। ଦେଶରେ ସକ୍ରିୟ ମାମଲା ବଢ଼ିଯାଇଥିବାରୁ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକରେ କରୋନା ସଂକ୍ରମଣକୁ ନେଇ ସବୁଠାରୁ ଖରାପ ସ୍ଥିତି ରହିଛି।

ଅନ୍ୟପକ୍ଷରେ ଓଡ଼ିଶାରେ କରୋନା ମାନସିକ ବିଷାଦ ବଢ଼ାଇ ଚାଲିଛି। ଏମ୍ସ ଭୁବନେଶ୍ୱର ହ୍ୱାଟ୍ସଆପ, ସ୍ୱାସ୍ଥ୍ୟ ଆପ୍ ମାଧ୍ୟମରେ ପ୍ରତିଦିନ ଆସୁଛି ୪୦ ରୁ ୫୦ ମାନସିକ ରୋଗୀଙ୍କ ଫୋନ୍ କଲ। ବର୍ତ୍ତମାନର କରୋନା ସହିତ ସ୍ୱାସ୍ଥ୍ୟସେବାର ଜଟିଳ ଅବସ୍ଥା ଏବଂ ➤ ପୃ-୬

## କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ପରାମର୍ଶ

# ୩ୟ ଲହର ପାଇଁ ପ୍ରସ୍ତୁତ ରୁହ

**ନୂଆଦିଲ୍ଲୀ :** ମହାମାରୀ କରୋନାର ଦ୍ୱିତୀୟ ଲହର ଥମି ନଥିବା ବେଳେ ତୃତୀୟ ଲହରକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହେଲାଣି। କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କେ ବିଜୟ ରାଘବନ ଭାରତକୁ କରୋନାର ତୃତୀୟ ଲହରକୁ ସମ୍ମୁଖୀନ ହେବାକୁ ପଡିବ ବୋଲି କହିବା ପରେ ଚାରିଆଡେ ହଇଚଇ ସୃଷ୍ଟି ହୋଇଛି। ଦ୍ୱିତୀୟ ଲହରରେ ଅମ୍ଳଜାନର ଅଭାବ ସହ ଶଯ୍ୟାର ଅଭାବ ପାଇଁ ଦିନକରେ ହଜାର ହଜାର ଲୋକଙ୍କ ପ୍ରାଣହାନୀ ଘଟୁଛି। ଦ୍ୱିତୀୟ ଲହର ପାଇଁ ଭାରତ ସରକାରଙ୍କୁ ସତର୍କ କରାଯାଇଥିଲେ ମଧ୍ୟ ସେ ଧ୍ୟାନ ଦେଇନଥିବା ନେଇ ଅଭିଯୋଗ ହେଉଥିବା



ବେଳେ ଏବେ ତୃତୀୟ ଲହର ପାଇଁ ପ୍ରସ୍ତୁତ ରୁହ ବୋଲି କେନ୍ଦ୍ରକୁ କହିଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀକୁ ଅମ୍ଳଜାନ ଯୋଗାଣ ଉପରେ ଶୁଣାଣି ବେଳେ ସୁପ୍ରିମକୋର୍ଟ କେନ୍ଦ୍ରକୁ କରୋନାଭାଇରସର ତୃତୀୟ ➤ ପୃ-୬

## ୧ରେ କେରଳ ଛୁଇଁବ ମୌସୁମୀ



**ନୂଆଦିଲ୍ଲୀ :** ଗୁରୁବାର ଭାରତୀୟ ପାଣିପାଗ ବିଭାଗ କହିଛି, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଠିକ୍ ସମୟରେ କେରଳ ଛୁଇଁବ। କେରଳ ଉପରେ ମୌସୁମୀ ଆରମ୍ଭ ହେବାର ସାଧାରଣ ତାରିଖ ହେଉଛି ଜୁନ୍ ୧। ଦେଶର ବାର୍ଷିକ ୭୦% ବର୍ଷା ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ରେକର୍ଡ କରାଯାଏ। ଗୁରୁବାର ଦିନ ଭୂବିଜ୍ଞାନ ମନ୍ତ୍ରାଳୟର ସଚିବ ଏମ ରାଜୀବ ଟୁଇଟ୍ କରି କହିଛନ୍ତି ଯେ, ଆଇଏମଡିର ଇଆରପି (ଏକ୍ସଟେଣ୍ଡେଡ୍ ରେଞ୍ଜ ଫୋରକାସ୍) ➤ ପୃ-୬

# କରୋନା ପାଇଁ ଅପରିବର୍ତ୍ତିତ ରହିଲା ଜମି ଦର

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ଭାଲ୍ୟୁକୁ ଅପରିବର୍ତ୍ତିତ ରଖିଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଭାଲ୍ୟୁଏସନ୍ କମିଟି ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବ ସୁଷମାରାଣୀ ଦେବୀ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଭାଲ୍ୟୁଏସନ କମିଟି ଅଧ୍ୟକ୍ଷମାନଙ୍କୁ ଚିଠି ଲେଖି କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ସମସ୍ତ ଜିଲ୍ଲା ପାଇଁ ସ୍ଥାବର ସମ୍ପତ୍ତିର ମାର୍କେଟ ଭାଲ୍ୟୁ (ବିଏମଭି) ୨୦୨୧ ମାର୍ଚ୍ଚ ୩୧ତାରିଖରେ ଯାହା ଥିଲା ତାହା ୨୦୨୧-୨୨ ଆର୍ଥିକ ବର୍ଷରେ ମଧ୍ୟ ସେୟା ରହିବ। ଏହି ବେଞ୍ଚମାର୍କ ଭାଲ୍ୟୁ




୨୦୨୨ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟରେ କୋଭିଡ-୧୯ ମହାମାରୀର ଦ୍ୱିତୀୟ ଲହର ଆସିଥିବାରୁ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେଣୁ ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ସମସ୍ତ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୦ ମସିହା ଏପ୍ରିଲ ୧ ତାରିଖରୁ ରାଜ୍ୟ ସରକାର ଜମିର ବେଞ୍ଚମାର୍କ ଭାଲ୍ୟୁ ବୃଦ୍ଧି କରିଥିଲେ। କରୋନା ମହାମାରୀ ସମୟରେ ଲୋକଙ୍କ ଆର୍ଥିକ ପରିସ୍ଥିତିକୁ ବିଚାର

**'ଏକମାତ୍ର' ପ୍ରଭାବ**

କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତେବେଳେ ଲାଗୁ କରାଯାଇଥିବା ବର୍ଦ୍ଧିତ ବେଞ୍ଚ ମାର୍କ ଭାଲ୍ୟୁ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାର ମୂଳ ଲକ୍ଷ୍ୟ ଥିଲା କରୋନା ଯୋଗୁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ସେମାନଙ୍କ ରୋଜଗାର କମି ଯାଇଛି। ହେଲେ କରୋନା କାଳ ସରିନଥିବା ବେଳେ ପୁଣିଥରେ ଗତ ➤ ପୃ-୬

## ବକ୍ରବାଣୀ



ମଦ ଦୋକାନରେ ଭିଡକୁ ଦେଖି
ଆଖି ଦି'ଟା ମୋର ଯାଉଚି ଲାଖି
ଖାଇବାକୁ ମୁଠେ ନଥାଏ ଘରେ
ଆହାର ଯୋଜନାର ସର୍କାର କରେ
ମାଗଣା ଚାଉଳ ଆଣିବା ପାଇଁ
ମଟର ଗାଡିରେ ଯାଆଁନ୍ତି ଧାଇଁ
ମାଗିଖିଆ ବୁଦ୍ଧି ଛାଡିବା ଯେବେ
ରାଇଜୁ ଗରିବୀ ହଟିବ ତେବେ
କରୋନା ଆଳରେ ଖେଳ ଚାଲିଚି
କଳି ଶେଷ ହେବା ଭଳି ଲାଗୁଚି।

—— ଟୁଟୁ

# ୨୦୨୨ ଜୁନ୍ ସୁଦ୍ଧା ଭୁବନେଶ୍ୱରରେ ଟିକା ଉତ୍ପାଦନ

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରର ଅନ୍ଧାରୁଆଠାରେ ଆସନ୍ତାବର୍ଷ ଜୁନ୍‌ରୁ କୋଭାକ୍ସିନ୍ ଟିକା ଉତ୍ପାଦନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଇଡ୍‌କୋ ମାଧ୍ୟମରେ ତ୍ୱରିତ୍ ଜମି ଆବଣ୍ଟନ କରାଯାଇ ଅନ୍ଧାରୁଆ ଠାରେ ଟିକା ଉତ୍ପାଦନ ଶିଳ୍ପାନୁଷ୍ଠାନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ବୈଧାନିକ ଓ ଆଇନଗତ ଅନୁମତି ମଧ୍ୟ ଦିଆଯାଇଛି। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାୟୋଟେକ୍ କାର୍ଯ୍ୟାନ୍ୱୟନ କମିଟି ବୈଠକରେ ଧାର୍ଯ୍ୟ ସମୟ ମଧ୍ୟରେ ଏହି ୟୁନିଟ୍‌ରୁ ଉତ୍ପାଦନ ଯେଭଳି ହେବ ତାହା ସୁନିଶ୍ଚିତ କରିବା ପାଇଁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭାରତ ଇଣ୍ଟରନ୍ୟାସନାଲ କମ୍ପାନୀ ଓ ଅନ୍ଧାରୁଆ ବାୟୋଟେକ୍ ପାର୍କ ସ୍ୱତନ୍ତ୍ର ଏସପିଭି



ଗଠନ ନିମନ୍ତେ ମଧ୍ୟ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ଧାରୁଆଠାରେ ଭାରତ ବାୟୋଟେକ୍ ଇଣ୍ଟରନ୍ୟାନସାଲ ଦ୍ୱାରା କାର୍ଯ୍ୟକ୍ଷମ ହେବାକୁ ଥିବା ୟୁନିଟ୍‌ରୁ ପ୍ରାୟ ୧୦ଟି ପ୍ରକାର ଉନ୍ନତମାନର ଟିକା ଉତ୍ପାଦନ ହେବ। ଏଥିରେ କରୋନା ଓ ମ୍ୟାଲେରିଆ ଚିକିତ୍ସା ପାଇଁ ଟିକା ମଧ୍ୟ ରହିଛି। ଇଡ୍‌କୋ ପକ୍ଷରୁ ଜମି ଆବଣ୍ଟନ ପ୍ରକ୍ରିୟାକୁ ସରଳ କରାଯାଇଛି। ଷ୍ଟାର୍ଟଅପମାନଙ୍କୁ ଜମି, ଜମିର କିସମ ପରିବର୍ତ୍ତନ, ଷ୍ଟାମ୍ପ ଡ୍ୟୁଟି, ତାଲିମ, ପୁଞ୍ଜିନିବେଶ, ବ୍ୟାଙ୍କ ଋଣ ଉପରେ ସୁଧ ଆଦି ବିଷୟରେ ବିଭିନ୍ନ ପ୍ରକାରର ରିହାତି ମଧ୍ୟ ଦିଆଯାଉଥିବାରୁ ଏସବୁ ସୁବିଧା ମଧ୍ୟ ଏହି କମ୍ପାନୀକୁ ମିଳିବ। ବୃତ୍ତିଗତ ପରିଚାଳନା ମାଧ୍ୟମରେ ଏସବୁ ରିହାତିର ଅଧିକ ଫଳଦାୟୀ ବିନିଯୋଗ ହୋଇପାରିବ। ବାୟୋଟେକ୍ ଇନକୁବେଟରମାନଙ୍କୁ ବିଭିନ୍ନ ପ୍ରକାରର ସହାୟତା ନିମନ୍ତେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଫଣ୍ଡ ଅଫ୍ ଫଣ୍ଡସରେ ୧୫ କୋଟି ଟଙ୍କାର ପ୍ରାବଧାନ ରହିଛି। ଓଡ଼ିଶାରେ ମୋଟ ଇନ୍‌କ୍ୟୁବେଟରମାନଙ୍କ ମଧ୍ୟରୁ ପ୍ରାୟ ୭୫ଜଣ ବାୟୋଟେକ୍ କ୍ଷେତ୍ରରେ କାମ କରୁଛନ୍ତି। ଇଡ୍‌କୋ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂହ କହିଥିଲେ ଯେ, ଭୁବନେଶ୍ୱର ଇନ୍‌ଫୋସିଟି ➤ ପୃ-୬

# ମାଟ୍ରିକ୍ ମୂଲ୍ୟାୟନ ପାଇଁ ବିକଳ୍ପ ବ୍ୟବସ୍ଥା

**ଭୁବନେଶ୍ୱର :** ଆସନ୍ତା ଜୁନ୍ ମାସ ୩୦ ତାରିଖ ସୁଦ୍ଧା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଏନେଇ ଗାଇଡଲାଇନ୍ ଜାରି କରାଯାଇଛି। ଦଶମ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନ ନେଇ ପଦ୍ଧତି ଚୂଡାନ୍ତ ହୋଇଛି। କରୋନା ଯୋଗୁଁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ତେବେ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ଫଳାଫଳ କେଉଁ ଆଧାରରେ ମିଳିବ, ତାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ମାଟ୍ରିକ୍ ରେଜଲ୍ଟ ପାଇଁ ଚୂଡାନ୍ତ ପଦ୍ଧତିକୁ ଆଜି ବୋର୍ଡ ଅନୁମୋଦନ ଦେଇଛି। ନବମ ଓ ଦଶମ ଶ୍ରେଣୀର ମାର୍କ ଆଧାରରେ ମୂଲ୍ୟାୟନ ହେବ। ନବମର ଷାଣ୍ମାସିକ୍ ଓ ବାର୍ଷିକ ପରୀକ୍ଷା ମାର୍କକୁ ବିଚାରକୁ ନିଆଯିବ। ଦଶମର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରାକ୍ଟିସ୍ ପରୀକ୍ଷା ମାର୍କକୁ ମଧ୍ୟ ବିଚାର କରାଯିବ। ନବମର ୪୦%, ଦଶମର ୬୦% ମାର୍କକୁ ଗୁରୁତ୍ୱ ଦିଆଯିବ। ଦଶମରେ



କୌଣସି ପରୀକ୍ଷା ଦେଇ ନଥିଲେ ନବମ ମାର୍କକୁ ବିଚାର କରାଯିବ। ଦଶମରେ ଗୋଟିଏ ପରୀକ୍ଷା ଦେଇଥିଲେ ନବମର ୭୦% ମାର୍କକୁ ଗୁରୁତ୍ୱ ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ରେଜଲ୍ଟ ପ୍ରସ୍ତୁତି ପାଇଁ ୨୭୬୬ଟି ସ୍କୁଲକୁ ମେଣ୍ଟର ସ୍କୁଲ ଭାବେ ➤ ପୃ-୬




## ନାଉଗାଁ ଥାନାରେ ମିଳିଲାନି ଅନୁସୂଚିତ ଜାତି ମହିଳାଙ୍କୁ ନ୍ୟାୟ

# ଏସ୍‌ପିଙ୍କ କାର୍ଯ୍ୟାଳୟରେ ଧାରଣା

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ନାଉଗାଁ ବ୍ଲକ୍‌ର ଦଣ୍ଡାସାହି ଗ୍ରାମର ଅନୁସୂଚିତ ଜାତିର ମହିଳା କାନନବାଳା ଦାସଙ୍କୁ ନ୍ୟାୟ ନମିଳିବାରୁ ଜିଲ୍ଲା ଏସ୍.ପି.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ଘଟଣା ସରକାରଙ୍କ ୫ଟି ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଥିବାର ଦେଖିବାକୁ ମିଳିଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିଛି ମହିଳା ୟୁକୋ ବ୍ୟାଙ୍କ, କଣ୍ଟୁଣିଆହାଟ ଶାଖାକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ବ୍ୟାଙ୍କରେ ଦଲାଲ୍ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲିପ୍ କୁମାର ଦାସ (କଲିଆ) ଏମାନଙ୍କୁ ଅଟକାଇ ବ୍ୟାଙ୍କ ପାସ୍‌ବୁକ୍ ଅପ୍‌ଟୁଡେଟ୍ କରିହେବ ନାହିଁ ବୋଲି କହିଥିଲା। ଏଠାରେ ଉଲ୍ଲେଖଯୋଗ୍ୟଯେ କଲିଆ ଦାସ ଉକ୍ତ ମହିଳା ଓ ଅନ୍ୟ ୧୦ଜଣ ମହିଳାଙ୍କୁ ନେଇ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀରୁ ଟଙ୍କା ଆଣି ବ୍ୟାଙ୍କରେ ଦାଖଲ କରିବା ସହିତ



ତାଙ୍କ ଅଞ୍ଚଳର ଅନ୍ୟ ସ୍ୱୟଂସହାୟକ ଗୋଷ୍ଠୀରୁ ଟଙ୍କା ଆଣି ବ୍ୟାଙ୍କରେ ଜମା କରିଥାଏ। ମାତ୍ର ସେ ସମସ୍ତ ଟଙ୍କା ବ୍ୟାଙ୍କରେ ଜମା ନ କରି ନିଜ ପକେଟକୁ ମାଲେ ମାଲ କରିଥାଏ। ଘେର ଘର ସବୁ ଦିନ ଅନ୍ଧାର ନଥିବା ପରି ଉକ୍ତ ମହିଳାମାନଙ୍କର ସନ୍ଦେହ ହେବାରୁ ସେମାନେ ବ୍ୟାଙ୍କ ଆସିଥିଲେ ସେମାନଙ୍କର ଜମା ରାଶିକୁ ତନଖି କରିବା ପାଇଁ। କାଳେ ମହିଳାମାନେ ସବୁ ଜାଣିଯିବେ ସେଥିପାଇଁ କଲିଆ ବ୍ୟାଙ୍କ ଖାତା ଅପ୍ ଟୁ ଡେଟ୍ ନକରି ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଭଲ ରହିବ। ଅନେକ ଅର୍ଥ ଲାଭର ସୁଯୋଗ ସୃଷ୍ଟି ହେବ। ଘରେ ଅନେକ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟରେ ଲିପ୍ତ ରହିବାକୁ ବାଧ ହେବେ। ଅର୍ଥନୀତି, ରାଜନୀତି ଓ ଯାନ୍ତ୍ରିକ ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କୁ ସଫଳତା ମିଳିବ।

**ବୃଷ** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କଷ୍ଟ ଅନୁଭବ କରିବେ। ଆର୍ଥିକ ସ୍ଥିତି ସୁଧୁରିବ। ପୁରୁଣା ସମ୍ପର୍କର ପୁଣି ଆରମ୍ଭ ହେବ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ଶିକ୍ଷାରେ ପ୍ରତିକୂଳ ସ୍ଥିତି ଦେଖାଦେବ। ଦମ୍ପତ୍ତିଙ୍କ ମନମାଳିନ୍ୟ ଦୂର ହେବ।

**ମିଥୁନ** ମନ ପସନ୍ଦ ଖାଦ୍ୟ ଖାଇବେ। ଅନେକ ଦିନରୁ ଖୋଜୁଥିବା ଚାକିରି ପାଇପାରନ୍ତି। ପୁରୁଣା ଋଣ ପରିଶୋଧ କରିପାରନ୍ତି। ଛାତ୍ରମାନଙ୍କୁ ସଫଳତା ମିଳିବ। ମନରୁ ଅହଙ୍କାର ଦୂର କରନ୍ତୁ।

**କର୍କଟ** କାର୍ଯ୍ୟର ଚାପ ଯୋଗୁ ଶରୀର ଅସୁସ୍ଥ ହୋଇପାରେ। ଜମିଜମା ବ୍ୟବସାୟରୁ ଲାଭବାନ ହେବେ। ପରିବାର ଓ କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ସଫଳ ହେବେ।

**ସିଂହ** ମାନସିକ ଚାପରେ ରହିବେ। ବାସି ଖାଦ୍ୟରୁ ଦୂରେଇ ରହନ୍ତୁ। ଚାକିରି ଓ ବ୍ୟବସାୟରେ ସଫଳତା ମିଳିବ। ଧୀରେ ଧୀରେ ବ୍ୟବସାୟରେ ଧନ ନିବେଶ କରନ୍ତୁ। ଦାମ୍ପତ୍ୟ ଜୀବନ ଆନନ୍ଦରେ କଟିବ।

**କନ୍ୟା** ଘରେ କୌଣସି ସଦସ୍ୟ ଶରୀର ଆରୋଗ୍ୟ ଲାଭ ଯୋଗୁଁ ମନ ଖୁସି ରହିବ। କୋର୍ଟ କଚେରୀ କାର୍ଯ୍ୟରେ ସଫଳତା ମିଳିବ। ଆର୍ଥିକ ସ୍ଥିତି ଭଲ ରହିବ। କୌଣସି କାର୍ଯ୍ୟ କରିବା ପୂର୍ବରୁ ପିତା-ମାତାଙ୍କ ଅନୁମତି ନିଅନ୍ତୁ।

**ତୁଳା** ସୁନ୍ଦର ସ୍ୱାସ୍ଥ୍ୟ ଅନୁଭୂତ ହେବ। ଛୋଟ ଭାଇଭଉଣୀଙ୍କୁ ଆର୍ଥିକ ସାହାଯ୍ୟ କରିପାରନ୍ତି। ବନ୍ଧୁଙ୍କଠାରୁ ଉପହାର ମିଳିପାରେ। ଛାତ୍ରମାନଙ୍କୁ ଶିକ୍ଷକ ମାନଙ୍କଠାରୁ ସହଯୋଗ ମିଳିବ। ଜୀବନ ସାଥିଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ବିଛା** ଛୋଟ ଛୋଟ କଥାରେ ବିରକ୍ତ ହେବେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ପରିବାରରେ ସମ୍ପର୍କ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଜୀବନସାଥୀଙ୍କ ସହ ଅଧିକ ସମୟ କଟାଇବେ।

**ଧନୁ** ଅଚାନକ ଧନପ୍ରାପ୍ତିର ଯୋଗ ଅଛି। ବେପାରୁଆ ମନଭାବ ପାଇଁ ବଡକ୍ଷତି ସହିପାରନ୍ତି। କେସରେ ଥିବା ଜମି ସମାଧାନ ହୋଇ ଆପଣଙ୍କ ପାଖକୁ ଫେରିବ। ଧାର୍ମିକ କାର୍ଯ୍ୟରେ ମନଦେବେ।

**ମକର** ଅନେକ ବାଧାବିଘ୍ନର ସମ୍ମୁଖୀନ ହେବେ। ଆପଣ ଦୁଃଖ ଅଛନ୍ତି ବୋଲି ପରିବାର ଲୋକେ ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ମନ ଅସ୍ଥିର ରହିବ। ଶିକ୍ଷା କ୍ଷେତ୍ରରେ ବିବାଦର ସମାପ୍ତ ହେବ। ଜୀବନସାଥୀଙ୍କ ସହ ବିତାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବ। ନୂତନ ଲୋକଙ୍କ ସହ ସାକ୍ଷାତ ଫଳରେ ଅନେକ ସୁବିଧା ସୁଯୋଗ ପାଇପାରନ୍ତି। ନିଜ ଲୋକ ଉଦ୍ଧାର ମାଗି ପାରନ୍ତି। ଛାତ୍ରମାନଙ୍କୁ ବିଦେଶରେ ପଢ଼ିବାର ସୁଯୋଗ ମିଳିବ। ଦମ୍ପତିଙ୍କ ମତାନ୍ତର ହୋଇପାରେ।

**ମୀନ** ମଦ୍ୟପାନଠାରୁ ଦୂରେଇ ରହନ୍ତୁ। ଅନେକ ଦିନପରେ ଆର୍ଥିକ ସ୍ଥିତି ସୁଧୁରିବ। ବାପା-ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ହେବେ। କାର୍ଯ୍ୟ କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ଆସିବ। ମନକୁ ଶାନ୍ତ ରଖନ୍ତୁ। ଛାତ୍ରମାନେ ସଫଳ ହେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଭାରତରେ ୩ୟ ଲହର ଅବଶ୍ୟମ୍ଭାବୀ



**ନୂଆଦିଲ୍ଲୀ :** ଏମ୍ସ ନିର୍ଦ୍ଦେଶକଙ୍କ ପରେ ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା ମଧ କରୋନାର ତୃତୀୟ ଲହରକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଭାରତକୁ କରୋନାର ତୃତୀୟ ଲହରକୁ ସାମ୍ନା କରିବାକୁ ପଡିପାରେ। କରୋନାର ତୃତୀୟ ଲହର ଅବଶ୍ୟମ୍ଭାବୀ ବୋଲି ସରକାରଙ୍କ ବିଜ୍ଞାନ ପରାମର୍ଶଦାତା ଡା ବିଜୟ ରାଘବନ ସତର୍କ କରାଇଛନ୍ତି। ଏହି ସୂଚନା ପରେ ଦ୍ୱିତୀୟ ଲହର ସହ ଲଢ଼େଇ କରୁଥିବା ଭାରତୀୟମାନେ ତୃତୀୟ ଲହର ଆସିଲେ କ'ଣ ହେବ, ତା'କୁ ନେଇ ଭୟଭୀତ ହୋଇ ଉଠିଛନ୍ତି। ବୁଧବାର ଭାରତ ସରକାରଙ୍କ ବରିଷ୍ଠ ବୈଜ୍ଞାନିକ ପରାମର୍ଶଦାତା ଡା ବିଜୟ ରାଘବନ କହିଛନ୍ତି, ଭାରତରେ କରୋନାର ତୃତୀୟ ଲହରର ଆଶଙ୍କାକୁ ସମ୍ପୂର୍ଣ୍ଣ ଭାବେ ଟାଳି ହେବନି। ଏହା ଅବଶ୍ୟମ୍ଭାବୀ। ଏବେ ଯେଉଁଭଳି ସଂକ୍ରମଣ ବଢୁଛି, ତାକୁ ଦେଖିଲେ ଲାଗୁଛି କରୋନାର ତୃତୀୟ ଲହର ମଧ ଭାରତକୁ ଆସିପାରେ। କରୋନାର ନୂଆ ଷ୍ଟ୍ରେନ ସହ ଲଢ଼େଇ କରିବାକୁ ହେଲେ ଆମକୁ ଟିକାକୁ ସେହି ଅନୁସାରେ ଅପଡେଟ୍ କରିବାକୁ ହେବ। ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ପଡିବ। ଭାରତକୁ କେତେବେଳେ ତୃତୀୟ ଲହର ଆସିବ, ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ନପାରେ। କିନ୍ତୁ ଏଥିପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ। ଟିକାକୁ ଅଧିକ କ୍ଷମତାଶାଳୀ କରିବା ଉପରେ ଆମକୁ ନଜର ଦେବାକୁ ପଡିବ। ନୂଆ ଷ୍ଟ୍ରେନକୁ ମାତ୍ ଦେବା ଭଳି ଟିକା ଯଦି ଆମ ପାଖରେ ମହଜୁଦ ରହିବ, ତା'ହେଲେ ଆମେ ତୃତୀୟ ୱେଭକୁ ଏଡାଇ ଯାଇ ପାରିବା। ଏବେ ଥିବା ଟିକା ସବୁ ପ୍ରକାରର ଷ୍ଟ୍ରେନକୁ ମାତ ଦେଉଛି। ହେଲେ କରୋନା ଯେଉଁଭଳି ରୂପ ବଦଳାଉଛି, ଆଗକୁ କ'ଣ ହେବ ସେକଥା ଏବେଠାରୁ ଆକଳନ କରାଯାଇ ପାରିବନାହିଁ। ତେଣୁ ଯଥାଶୀଘ୍ର ଆମକୁ ଟିକାକରଣ କାର୍ଯ୍ୟକୁ ବ୍ୟାପକ କରିବାକୁ ପଡିବ ବୋଲି ଡା ବିଜୟ ସରକାରଙ୍କୁ ଅବଗତ କରାଇଥିବା ଜଣାପଡିଛି। ଗତକାଲି ଏମ୍ସ ନିର୍ଦ୍ଦେଶକ ଡା ରଣଦୀପ ଗୁଲେରିଆ ସମାନ କଥା କହିଥିଲେ। ତୃତୀୟ ୱେଭର ସଂକ୍ରମରକୁ ରୋକିବାକୁ ହେଲେ ଆମକୁ ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ପଡିବ। ଭାରତରେ କରୋନାର ଦ୍ୱିତୀୟ ୱେଭ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ସଂକ୍ରମଣ ସହ ମୃତ୍ୟୁସଂଖ୍ୟା ଦୈନିକ ରେକର୍ଡ ପରେ ରେକର୍ଡ କରି ଚାଲିଛି। ଭାରତ ସମେତ ସମଗ୍ର ବିଶ୍ୱର ବୈଜ୍ଞାନିକମାନେ ଏପରି ଭୂତାରୁ ପ୍ରକାରକୁ ଆଗୁଆ ଚିହ୍ନଟ, ସତର୍କତା ପାଇଁ ଓ ସେଗୁଡିକର ମୁକାବିଲା ପାଇଁ ସଘନ ଗବେଷଣା ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

## 'ମିଡିଆକୁ ରିପୋର୍ଟିଂରୁ ବାରଣ କରାଯାଇପାରିବନି'

**ନୂଆଦିଲ୍ଲୀ :** କରୋନାର ଦ୍ୱିତୀୟ ଲହର ସଂକ୍ରମଣ ପାଇଁ ନିର୍ବାଚନ କମିଶନଙ୍କୁ ଦାୟୀ କରି ମାଡ୍ରାସ ହାଇକୋର୍ଟ କଡ଼ା ଟିପ୍ପଣୀ ଦେଇଥିଲେ। ସଂକ୍ରମଣ ବୃଦ୍ଧି ଓ କରୋନା ମୃତ୍ୟୁ ପାଇଁ ନିର୍ବାଚନ କମିଶନଙ୍କ ଉପରେ ସମ୍ଭବତଃ ହତ୍ୟା ମାମଲା ଚାଲୁ କରିବା ଦରକାର ବୋଲି ମାଡ୍ରାସ ହାଇକୋର୍ଟ ଶୁଣାଣି ବେଳେ କହିଥିଲେ। ଏହାକୁ ନିର୍ବାଚନ କମିଶନ ବିରୋଧ କରିବା ସହ ଏ ସଂକ୍ରାନ୍ତରେ ରିପୋର୍ଟ ପରିବେଷଣ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ କଥାବାର୍ତ୍ତାର ରିପୋର୍ଟିଂ କରିବାକୁ କେବେ ହେଲେ ମିଡିଆକୁ ବାରଣ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, କୋର୍ଟରେ ହେଉଥିବା ଆଲୋଚନାକୁ ମିଡିଆ ରିପୋର୍ଟିଂ ନ କରୁ ବୋଲି ଆପଣ(ଇସି) ଆଦୌ କହିପାରିବେ ନାହିଁ। ଲୋକଙ୍କ ସ୍ୱାର୍ଥ ପାଇଁ ଚୂଡ଼ାନ୍ତ ରାୟ ପୂର୍ବରୁ କୋର୍ଟରେ ସବୁ କିଛି ଆଲୋଚନା ହୋଇଥାଏ। କୋର୍ଟରେ ହେଉଥିବା ଆଲୋଚନା ବାର୍ ଓ ବେଞ୍ଚ ମଧରେ ଡାଏଲଗ। ଏହି ପବିତ୍ର ପ୍ରକ୍ରିୟାର ସୁରକ୍ଷା ଦିଗରେ ମିଡିଆ ଶକ୍ତିଶାଳୀ ଭୂମିକା ନିର୍ବାହ କରିଥାଏ। ତେଣୁ ଆଲୋଚନାର ରିପୋର୍ଟିଂ ଉପରେ ରୋକ ଲାଗିପାରିବ ନାହିଁ। ମିଡିଆ ସବୁ କିଛି ରିପୋର୍ଟିଂ କରିପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ମାଡ୍ରାସ ହାଇକୋର୍ଟ କରିଥିବା ଟିପ୍ପଣୀକୁ ନେଇ କୌଣସି ରାୟ ଦେବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି। ସୁପ୍ରିମକୋର୍ଟ ଇସିଙ୍କୁ କହିଛନ୍ତି, ହାଇକୋର୍ଟ କହିଥିବା କଥାକୁ ଆପଣ ପିତା ଔଷଧର ବଟିକା ଭାବେ ବିବେଚନା କରନ୍ତୁ। ଆପଣ କୋର୍ଟଙ୍କ ଟିପ୍ପଣୀକୁ ସକାରାତ୍ମକ ଭାବେ ଗ୍ରହଣ କରନ୍ତୁ। ଆମକୁ ହାଇକୋର୍ଟଙ୍କୁ ସ୍ୱାଧୀନତା ଦେବାକୁ ପଡ଼ିବ। ତାଙ୍କୁ ହତାଶ କରିବା ଆମର କର୍ତ୍ତବ୍ୟ ନୁହେଁ। ଆପଣ ସମ୍ବିଧାନିକ ସଂସ୍ଥା। କିନ୍ତୁ ଆପଣ ମଧ ନ୍ୟାୟିକ ବିଚାର ବ୍ୟବସ୍ଥା ବାହାରେ ନୁହନ୍ତି। କୋର୍ଟରେ ଯାହା ହେଲା, ତା'କୁ ମିଡିଆ ପୂର୍ଣ୍ଣ ମାତ୍ରାରେ ରିପୋର୍ଟିଂ କରିବା ଦରକାର। ଆମେ ଇସିଙ୍କ ଚିନ୍ତା ଦୂର କରିବାକୁ ଗୋଟିଏ ଛୋଟିଆ ଆଦେଶ ଦେବୁ। ଆମକୁ ନ୍ୟାୟିକ ପ୍ରକ୍ରିୟାର ପବିତ୍ରତାକୁ ରକ୍ଷା କରିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି।

## 'ସାମ୍ବିଧାନିକ ସଂସ୍ଥା ମିଡିଆ ରିପୋର୍ଟ ଉପରେ ଅଭିଯୋଗ କରିବା ବନ୍ଦ କରନ୍ତୁ'



**ନୂଆଦିଲ୍ଲୀ :** ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଅଭିଯୋଗ କରିବା ଅପେକ୍ଷା ଅଧିକ ଭଲ କାମ କରିପାରିବେ। ସେମାନେ ମିଡିଆ ରିପୋର୍ଟ ଉପରେ ଆପତ୍ତି ଉଠାଇବା ଠିକ୍ ନୁହେଁ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି। ମାଡ୍ରାସ ହାଇକୋର୍ଟ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ନିର୍ବାଚନ କମିଶନକୁ ଦାୟୀ କରିଥିଲେ। ସଂକ୍ରମଣ ବୃଦ୍ଧି ଓ ଲୋକଙ୍କ ମୃତ୍ୟୁ ପାଇଁ କମିଶନଙ୍କ ବିରୋଧରେ ସମ୍ଭବତଃ ହତ୍ୟା ମାମଲା ରୁଜୁ କରିବା ଦରକାର ବୋଲି ମାଡ୍ରାସ ହାଇକୋର୍ଟ ମାମଲାର ଶୁଣାଣି ବେଳେ ଟିପ୍ପଣୀ କରିଥିଲେ। ଏହାର ରିପୋର୍ଟ ମଧ ଗଣମାଧମରେ ପ୍ରକାଶ ପାଇଥିଲା। ତେବେ ହାଇକୋର୍ଟ କେବଳ ନିଜର ଶୁଣାଣି ବେଳେ ଏପରି କଥା କହିଥିବାରୁ ଏହାର ରିପୋର୍ଟିଂ ବନ୍ଦ କରିବାକୁ ନିର୍ବାଚନ କମିଶନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ କୋର୍ଟ ଆଜି ଏ ସଂକ୍ରାନ୍ତ ଆବେଦନକୁ ଖାରଜ କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସମ୍ବିଧାନର ଧାରା ୧୯ରେ ଥିବା ବାକ୍ ସ୍ୱାଧୀନତା କେବଳ ଲୋକଙ୍କ ଅଧିକାର ନୁହେଁ, ଏହି ଅଧିକାର ମିଡିଆର ମଧ ରହିଛି। ତେଣୁ ମିଡିଆ ଉପରେ ଅଙ୍କୁଶ ଲଗାଇବା ସୁପ୍ରିମକୋର୍ଟଙ୍କ ପକ୍ଷରେ ସମ୍ଭବ ନୁହେଁ। ମିଡିଆର କୋର୍ଟ ରିପୋର୍ଟିଂ ଉପରେ ରୋକ ଲଗାଇବାକୁ ଇସି କରିଥିବା ଆବେଦରେ ଆମେ କୌଣସି ଯର୍ଥାର୍ଥତା ପାଉନାହୁଁ। ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ମାଡ୍ରାସ ହାଇକୋର୍ଟ କରିଥିବା ଟିପ୍ପଣୀ ଜଜ୍ମେଣ୍ଟର ଅଂଶ ନଥିଲା। ବିଚାରପତିମାନଙ୍କୁ ଧୈର୍ଯ୍ୟ ଦେଖାଇବାକୁ ପଡ଼ିବ। ଅଦାଲତର ଶୁଣାଣି ବେଳେ ହତାଶ ଓ କଡ଼ା ଟିପ୍ପଣୀ କରିବାର ଆବଶ୍ୟକ ନାହିଁ। ମିଡିଆ ଅଦାଲତଙ୍କ ରାୟ ଓ ଟିପ୍ପଣୀ ଉପରେ ଲେଖିବାର ଅଧିକାର ପାଇଛି। ମିଡିଆ ଉପରେ ଅଙ୍କୁଶ ଲଗାଇବା ଅଦାଲତଙ୍କ ପାଇଁ ଠିକ୍ ହେବନି। ନ୍ୟାୟପାଳିକାର ଭାଷା ସାମ୍ବିଧାନିକ ଗାରିମା ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ମାଡ୍ରାସ ହାଇକୋର୍ଟ କରିଥିବା ଟିପ୍ପଣୀ କୌଣସି ରେକର୍ଡରେ ନାହିଁ। ତେଣୁ ଏହାକୁ କେମିତି ଖାରଜ କରାଯିବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଏହାପରେ ଇସିଙ୍କ ଆବେଦନକୁ ରଫାଦଫା କରି ସୁପ୍ରିମକୋର୍ଟ ମାମଲାର ଶୁଣାଣି ବନ୍ଦ କରିଛନ୍ତି।

## କରୋନା ମୁକାବିଲା ପାଇଁ ଆର୍‌ବିଆଇ ଦେଲା ୫୦ ହଜାର କୋଟି



**ନୂଆଦିଲ୍ଲୀ,୫।୫:** କରୋନାର ଦ୍ୱିତୀୟ ଲହରକୁ ରୋକିବା ପାଇଁ ବିଭିନ୍ନ ରାଜ୍ୟ ଲକାଡାଉନ୍ ସଟଡାଉନ ଲାଗୁ କରିଛନ୍ତି। ଏହାର ପ୍ରଭାବ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ପଡ଼ିଛି। ଏହା ଉପରେ ନଜର ରଖିଛି ଆରବିଆଇ। ଏକ ସାମ୍ବାଦିକ ସମ୍ମିଳନୀରେ ଏ କଥା କହିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ସେ କହିଛନ୍ତି ଯେ କରୋନାର ଦ୍ୱିତୀୟ ଲହର ଦ୍ୱାରା ଅର୍ଥନୀତି ପ୍ରଭାବିତ ହୋଇଛି। କରୋନାର ପ୍ରଥମ ଲହର ପରେ ଆର୍ଥିକ ସ୍ଥିତି ଦ୍ରୁତଗତିରେ ସୁଧୁରୁ ଥିଲା। ହେଲେ ଏବେ ଦ୍ୱିତୀୟ ଲହର ପାଇଁ ପ୍ରଭାବିତ ହୋଇଛି। ଏହାକୁ ଲକ୍ଷ୍ୟ ରଖି ଫାର୍ମା ଭିତ୍ତିଭୂମି ପାଇଁ ଆରବିଆଇ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ରାଜ୍ୟଗୁଡ଼ିକ ପାଇଁ ଓଭରଡ୍ରାଫ୍ଟ ସୁବିଧା ସହିତ ରିହାତି ବ୍ୟବସ୍ଥା ରହିଛି। ଶ୍ରୀ ଦାସ କହିଛନ୍ତି, ଏହି ମହାମାରୀ ପାଇଁ ଉପୁଜିଥିବା ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ୫୦ ହଜାର କୋଟି ଟଙ୍କାର ଲିକ୍ୟୁଡିଟି ଟର୍ମ ବ୍ୟବସ୍ଥା କରିଛି ଆରବିଆଇ। ଏହା ମାଧ୍ୟମରେ ବ୍ୟାଙ୍କଗୁଡିକ ଟିକା ନିର୍ମାତା, ଟିକା ପରିବହନ, ରପ୍ତାନିକାରୀମାନଙ୍କୁ ସହଜ କିସ୍ତିରେ ଋଣ ପ୍ରଦାନ କରିବେ। ଏହା ବ୍ୟତୀତ ହସ୍ପିଟାଲ, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ମଧ ଏହି ସୁବିଧା ପାଇବେ। ପ୍ରାଥମିକ କ୍ଷେତ୍ର ପାଇଁ ଶୀଘ୍ର ଋଣ ଏବଂ ପ୍ରୋତ୍ସାହନ ଦିଆଯିବ ବୋଲି ସେ କହିଛନ୍ତି। ୩୧ ମାର୍ଚ୍ଚ ୨୦୧୨ ସୁଦ୍ଧା ବ୍ୟାଙ୍କଗୁଡିକ ଚିକିତ୍ସା ସେବା କ୍ଷେତ୍ରକୁ ଅଧିକ ଋଣ ଦେଇପାରିବେ। ସୂଚନାଯୋଗ୍ୟ, ସେଣ୍ଟର୍ ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି ରିପୋର୍ଟ କହିଛି ଯେ ଦେଶରେ କୋଭିଡର ଦ୍ୱିତୀୟ ଲହର ଯୋଗୁଁ ପ୍ରାୟ ୭୫ ଲକ୍ଷ ଲୋକ ଚାକିରୀ ହରାଇଛନ୍ତି ଏବଂ ଏହାଦ୍ୱାରା ବେକାରୀ ହାର ଚାରିମାସରେ ୮ ପ୍ରତିଶତ ପହଞ୍ଚିଛି।

## ଆଉ ୭୦ ଲକ୍ଷ ଲୋକଙ୍କ ଚାକିରି ନେଲା ଦ୍ୱିତୀୟ ଲହର !



**ନୂଆଦିଲ୍ଲୀ :** ଭାରତର ବେକାରୀ ସମସ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି। କରୋନାର ପ୍ରଥମ ଲହରକୁ ରୋକିବା ପାଇଁ ଜାରି ଲକଡାଉନ ଅନେକଙ୍କୁ ବେକାର ସଜାଇଥିବା ବେଳେ ଏବେ ଦ୍ୱିତୀୟ ଲହର ସମାନ ସ୍ଥିତି ସୃଷ୍ଟି କରିଛି। ଭାରତର ବେକାରୀ ହାର ଏପ୍ରିଲ ମାସରେ ରେକର୍ଡ ପ୍ରାୟ ୮%ରେ ପହଞ୍ଚି ଯାଇଛି। ଏହା ୪ ମାସ ମଧରେ ସର୍ବାଧିକ୍ୟ। ବିଭିନ୍ନ ରାଜ୍ୟରେ ସରକାରମାନେ ଲକଡାଉନ ଓ କଟକଣା ଲାଗୁ କରିଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। ମାର୍ଚ୍ଚ ମାସରେ ଦେଶର ବେକାରୀ ହାର ୬.୫% ଥିବା ବେଳେ ଏପ୍ରିଲ ଶେଷ ବେଳକୁ ଏହା ୭.୯୭%ରେ ପହଞ୍ଚି ଯାଇଛି। ଏହାର ଅର୍ଥ ଗୋଟିଏ ମାସରେ ୭୦ ଲକ୍ଷରୁ ଅଧିକ ଲୋକ ନିଯୁକ୍ତି ହରାଇଛନ୍ତି। ବେସରକାରୀ ସଂସ୍ଥା ସେଣ୍ଟର ଫର ମନିଟରିଙ୍ଗ ଇଣ୍ଡିଆନ ଇକୋନମି ପ୍ରାଇଭେଟ୍ (ସିଏମଆଇଇ) ପକ୍ଷରୁ ଏଭଳି ତଥ୍ୟ ଦିଆଯାଇଛି। ସିଏମଆଇଇର ଏମଡି ମହେଶ ବ୍ୟାସ କହିଛନ୍ତି, ବର୍ତ୍ତମାନ ନିଯୁକ୍ତି ସୁଯୋଗ ସୃଷ୍ଟିରେ ହ୍ରାସ ଘଟିଛି। ଲକଡାଉନ ଓ ବିଭିନ୍ନ ପ୍ରକାରର କଟକଣା ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏବେ କରୋନା ଭାଇରସର କରାଳ ରୂପ ଜାରି ରହିଛି। ସମସ୍ତଙ୍କର ଫୋକସ ମେଡିକାଲ-ସର୍ଭିସ ଫ୍ରଣ୍ଟ ଉପରେ ରହିଛି। ତେଣୁ ମେ' ମାସରେ ମଧ ବେକାରୀ ସମସ୍ୟା ଏଭଳି ଜାରି ରହିବ ବୋଲି ସେ ଆକଳନ କରିଛନ୍ତି। ୨୦୨୦ ମାର୍ଚ୍ଚ ମାସରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଲଡଡାଉନ ଲାଗୁ କରିଥିଲେ। ଏହି କାରଣରୁ ଲକ୍ଷଲକ୍ଷ ଲୋକ କାମ ହରାଇଥିଲେ। ଦେଶର ଅର୍ଥନୀତି ମଧ ଭୁଶୁଡ଼ି ପଡ଼ିଥିଲା। ତେବେ ସେପ୍ଟେମ୍ବର ମାସ ପରେ ଏଥିରେ ଧୀରେଧୀରେ ସୁଧାର ଆସିଥିଲା। କିନ୍ତୁ କରୋନାର ଦ୍ୱିତୀୟ ଲହର ସବୁ କିଛି ବିଗାଡ଼ି ଦେଇଛି। ଏବେ ଦେଶବ୍ୟାପୀ ଲକଡାଉନ କେନ୍ଦ୍ର ସରକାର ଘୋଷଣା କରିନାହାନ୍ତି। କିନ୍ତୁ ରାଜ୍ୟ ସରକାରମାନେ ଲକଡାଉନ ଓ ଶଟଡାଉନ ଲାଗୁ କରି ସମାନ ସ୍ଥିତି ସୃଷ୍ଟି କରିଛନ୍ତି।

## ସିଟି ସ୍କାନ ବିପଦପୂର୍ଣ୍ଣ : ଗୁଲେରିଆ



**ନୂଆଦିଲ୍ଲୀ :** ସାଧାରଣ ବା ହାଲକା କୋଭିଡ୍ ସଂକ୍ରମଣରେ ସିଟି ସ୍କାନ ଆଦୌ ଦରକାର ନାହିଁ। ଏହା କ୍ଷତିକାରକ। ସେହିପରି ପ୍ରଥମାବସ୍ଥାରେ କୋଭିଡ୍ ରୋଗୀକୁ ଅଧିକ ଷ୍ଟେରଏଡ୍ ଦିଆଯିବା ମଧ ହାନୀକାରକ ହୋଇପାରେ। ଏହି ମତ ଦେଇଛନ୍ତି ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ। ଏକ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ଗୁଲେରିଆ କହିଛନ୍ତି ଯେ, ଯେଉଁ ରୋଗୀମାନଙ୍କର ଲକ୍ଷଣ କିଛି ନାହିଁ କିନ୍ତୁ ସେମାନେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ସେମାନଙ୍କର ସିଟି ସ୍କାନ ଆଦୌ ଦରକାର ନାହିଁ। ଏହି ଟେଷ୍ଟରେ ସେମାନଙ୍କ ଫୁସ୍‌ଫୁସ୍‌ରେ କିଛି ପ୍ୟାଚ୍ ବା ଛାପ ଦେଖାଯିବ କିନ୍ତୁ ସେଥିପାଇଁ ଚିକିତ୍ସା ଦରକାର ନାହିଁ। ସେ କହିଛନ୍ତି, ଥରେ ସିଟି ସ୍କାନ କରିବା ୩୦୦-୪୦୦ ଏକ୍ସ-ରେ କରିବା ସହିତ ସମାନ। ଏହା ଭବିଷ୍ୟତରେ କର୍କଟ ରୋଗର କାରଣ ହୋଇପାରେ। ଉଚ୍ଚ ରାଡିଏସନ ବା ତେଜଷ୍କ୍ରିୟ ବିକିରଣ ଯୋଗୁଁ ଏପରି ଆଶଙ୍କା ରହିଛି। ତେଣୁ ଏପରି ସାଧାରଣ କୋଭିଡ୍ ରୋଗୀ ଯଦି ସନ୍ଦେହରେ ଅଛନ୍ତି ତେବେ ସିଟି ସ୍କାନ ନକରି ଆଗ ଏକ୍ସ-ରେ କରାନ୍ତୁ। ତାହା ଦେଖି ଡାକ୍ତରମାନେ ସଠିକ ନିଦାନ ବତେଇ ପାରିବେ। ଦରକାର ହେଲେ ଡାକ୍ତରମାନେ ସିଟି ସ୍କାନ ପରାମର୍ଶ ଦେବେ। ସେହିପରି ବାୟୋମାର୍କର ସମ୍ପର୍କରେ ସେ କହିଛନ୍ତି ଯେ, ଅନେକ ସ୍ଥଳରେ ଏସବୁ ମଧ ଜରୁରୀ ନୁହେଁ। ସେ କହିଛନ୍ତି ଯେ, ଚିକିତ୍ସା କାମ କରୁଛି କି ନାହିଁ ଜାଣିବା ପାଇଁ ବାୟୋମାର୍କର ପରୀକ୍ଷା କରାଯାଏ। ଡାକ୍ତର ଗୁଲେରିଆ କହିଛନ୍ତି, ଯଦି ହାଲୁକା ଲକ୍ଷଣ ସହିତ ଜଣେ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି ତାଙ୍କର ରକ୍ତ ପରୀକ୍ଷା, ସିପିସି କିମ୍ବା ଏଲଡିଏଚ୍ କରିବା ଦରକାର ନାହିଁ। ଏହା ରୋଗୀକୁ ଛାନିଆ କରିଦେବ। ଅଯଥାରେ ଏସବୁ ପରୀକ୍ଷା ଦେହ ପାଇଁ କ୍ଷତିକାରକ ହୋଇପାରେ। ପ୍ରଥମାବସ୍ଥାରେ ଅଧିକ ଷ୍ଟେରଏଡ୍ ମଧ ଭଲ ନୁହେଁ। ଏହା ନିମୋନିଆ କରାଇପାରେ ଏବଂ ଫୁସ୍‌ଫୁସ୍‌କୁ ନଷ୍ଟ କରିପାରେ। ସାଧାରଣ କୋଭିଡ୍ ରୋଗୀଙ୍କୁ ସାଧାରଣ ଔଷଧରେ ଚିକିତ୍ସା କରାଯାଇ ପାରିବ। ଗମ୍ଭୀର ପର୍ଯ୍ୟାୟ ସଂକ୍ରମଣରେ ଷ୍ଟେରଏଡ୍ ଦିଆଯାଇ ପାରେ ବୋଲି ଡାକ୍ତର ଗୁଲେରିଆ ମତ ଦେଇଛନ୍ତି। ଅନ୍ୟପଟେ ହସ୍ପିଟାଲମାନଙ୍କରେ ଅକ୍ସିଜେନ୍ ବ୍ୟବସ୍ଥା କରାଯାଉଥିବା କେନ୍ଦ୍ରୀୟ ଯୁଗ୍ମ ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ସେ କହିଛନ୍ତି ଯେ, ଇଣ୍ଡଷ୍ଟ୍ରିଆଲ ୟୁନିଟ୍ ଗୁଡିକ ଯେଉଁ ଅକ୍ସିଜେନ୍ ତିଆରି କରୁଛନ୍ତି ତାହା ମଣିଷ ପାଇଁ ବ୍ୟବହାର ଉପଯୋଗୀ। ଅକ୍ସିଜେନ ପ୍ରସ୍ତୁତକୁ ବଢ଼ାଇ ଦିଆଯାଇଛି। ସେହିପରି କରୋନାକୁ ନେଇ ସକାରାତ୍ମକ ଖବର ଆସୁଥିବା ସେ କହିଛନ୍ତି। ମେ ୨ ସୁଦ୍ଧା ୭୮% କରୋନା ରୋଗୀ ଭଲ ହୋଇଥିବା ବେଳେ ମେ ୩ ବେଳକୁ ଆରୋଗ୍ୟ ହାର ୮୨%କୁ ବୃଦ୍ଧି ପାଇଛି।

**କରୋନାର ନୂଆ ମ୍ୟୁଟାଣ୍ଟ 'ଏନ୍୪୪୦କେ'**

# ୧୦ରୁ ୧ ହଜାର ଗୁଣ ଅଧିକ ସଂକ୍ରାମକ



**ନୂଆଦିଲ୍ଲୀ :** କରୋନା ଭୂତାଣୁର ନୂଆ ଷ୍ଟ୍ରେନକୁ ନେଇ ଦେଶ ବ୍ୟାପୀ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇଛି। ଅନେକ ରାଜ୍ୟରେ ସ୍ଥିତି ଅସମ୍ଭାଳ ହୋଇଛି। ଏଭଳି ସ୍ଥିତିରେ ଆଉ ଏକ ନୂଆ ମ୍ୟୁଟାଣ୍ଟକୁ ଚିହ୍ନଟ କରିଛନ୍ତି ବୈଜ୍ଞାନିକ। ଏହାର ନାମ ହେଉଛି 'ଏନ୪୪୦କେ'। ଅନ୍ୟ ଷ୍ଟ୍ରେନଗୁଡ଼ିକ ତୁଳନାରେ ଏହି ନୂଆ ଷ୍ଟ୍ରେନ ୧୦ରୁ ୧ ହଜାର ଗୁଣ ଅଧିକ ସଂକ୍ରାମକ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ଏହି ନୂଆ ଷ୍ଟ୍ରେନ ଦେଶର କିଛି ଅଂଶରେ ଆତଙ୍କ ଖେଳାଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏକ ରିପୋର୍ଟ ଅନୁସାରେ, ଦେଶରେ ଏପ୍ରିଲ ୨୬ରୁ ମେ ୨ ମଧରେ ୨୬ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଏବଂ ୨୩ ହଜାର ୮୦୦ ଜଣ ପ୍ରାଣ ହରାଇଛନ୍ତି। ଏହି ସମୟ ମଧରେ ବୈଜ୍ଞାନିକମାନେ ଏହି ନୂଆ ମ୍ୟୁଟାଣ୍ଟର ଅନୁସନ୍ଧାନ କରିଛନ୍ତି। ଏହି ନୂଆ ଷ୍ଟ୍ରେନ ଯୋଗୁ ହିଁ ଦେଶର କିଛି ଅଂଶରେ ୨ୟ ତରଙ୍ଗ ଚରମ ସୀମାରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ ସହରରେ ପ୍ରଥମ ଥର ଲାଗି ଏନ୪୪୦କେ ମ୍ୟୁଟାଣ୍ଟ ଠାବ ହୋଇଥିଲା। ବର୍ତ୍ତମାନ ଏହା ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ସମେତ ଦେଶର ଅନେକ ଅଂଶରେ ଦ୍ରୁତଗତିରେ ବ୍ୟାପି ଚାଲିଛି। ୨ୟ ତରଙ୍ଗ ସମୟରେ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ଯେତିକି ଲୋକ ସଂକ୍ରମିତ ହୋଇଛନ୍ତି ସେଥିରୁ ୧ ତୃତୀୟାଂଶଙ୍କଠାରେ ଏହି ନୂଆ ଷ୍ଟ୍ରେନ ଠାବ ହୋଇଛି। ସୂଚନା ଅନୁସାରେ ଗତ ୨ ମାସ ମଧରେ ଦେଶର ୫୦ ପ୍ରତିଶତ ସଂକ୍ରମିତ କେବଳ ୪ଟି ରାଜ୍ୟରୁ ମିଳିଛନ୍ତି। ସେହି ରାଜ୍ୟଗୁଡ଼ିକ ହେଉଛନ୍ତି କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଛତିଶଗଡ଼। ଏହି ରାଜ୍ୟଗୁଡ଼ିକରେ ନୂଆ ଷ୍ଟ୍ରେନ ବ୍ୟାପିସାରିଥିବା ଗବେଷଣାରୁ ସଙ୍କେତ ମିଳିଛି। ହାଇଦ୍ରାବାଦର ସେଣ୍ଟର ଫର ସେଲ୍ୟୁଲାର ଅଣ୍ଡ ମଲିକୁଲାର ବାୟୋଲୋଜି (ସିସିଏମବି) ଏବଂ ଗାଜୟାବାଦର ଏକାଡେମୀ ଫର ସାଇଣ୍ଟିଫିକ ଆଣ୍ଡ ଇନୋଭେଶନ ରିସର୍ଚ୍ଚ (ଏସିଏସଆଇଆର)ର ବୈଜ୍ଞାନିକମାନେ ମିଳିତ ଭାବେ ଏହି ଗବେଷଣା କରିଥିଲେ।

### ରାଜ୍ୟ ସରକାରଙ୍କ ସ୍କୁଲ ମିଶ୍ରଣ ନିଷ୍ପତ୍ତିକୁ ଧକ୍କା

# ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ



**କଟକ :** ରାଜ୍ୟରେ ଶତାଧିକ ସରକାରୀ ସ୍କୁଲକୁ ବନ୍ଦ କରିବା ଓ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି। ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲା ଗୁଡିକର ଏକତ୍ର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ସ୍କୁଲ ମିଶ୍ରଣ ସଂପର୍କିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ପ୍ରକାଶ ଯେ ୨୦ରୁ କମ୍ ସଂଖ୍ୟାର ଛାତ୍ରଛାତ୍ରୀ ଥିବା ସ୍କୁଲ ଗୁଡ଼ିକୁ ନିକଟବର୍ତ୍ତୀ ପ୍ରମୁଖ ସ୍କୁଲରେ ମିଶ୍ରଣ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏ ନେଇ ୨୦୨୦, ମାର୍ଚ୍ଚ ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନ ଜିଲ୍ଲାରେ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏପରି କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ସ୍କୁଲ ଗୁଡିକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ ନେଇ ବିଜ୍ଞପ୍ତି ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ପରେ ଏହି ପ୍ରସଙ୍ଗ ନେଇ ହାଇକୋର୍ଟରେ ଶତାଧିକ ମାମଲା ଦାୟର ହୋଇଥିଲା। ମାମଲା ଗୁଡ଼ିକରେ ମୁଖ୍ୟତଃ ଅଭିଯୋଗ କରାଯାଇଥିଲା ଯେ ଓଡ଼ିଶା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମାବଳୀର ଉଲ୍ଲଂଘନ କରି ସ୍କୁଲ ମିଶ୍ରଣ ସଂପର୍କିତ ନିଷ୍ପତ୍ତି ନିଆଯାଇଥିଲା। ନିୟମ ଅନୁସାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କ ପାଇଁ ଚାଲିବା ଦୂରତା ୧କି.ମି. ଭିତରେ ସ୍କୁଲ ରହିବା କଥା। କିନ୍ତୁ ଏହି ନିୟମକୁ ଅଣଦେଖା କରାଯାଇ ବହୁ ସ୍କୁଲର ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଏପରି ନିଷ୍ପତ୍ତି ଦ୍ୱାରା ହଜାର ହଜାର କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଶିକ୍ଷା ଗ୍ରହଣ ବାଧାପ୍ରାପ୍ତ ହେବ। ଭୌଗୋଳିକ ସ୍ଥିତି, ମିଶ୍ରଣ ପରେ ଛାତ୍ରଛାତ୍ରୀଙ୍କ ପାଇଁ ସୃଷ୍ଟି ହେବାକୁ ଥିବା ସମସ୍ୟା ଓ ଅନ୍ୟାନ୍ୟ ପ୍ରସଂଗକୁ ବିଚାରକୁ ନ ନେଇ ମିଶ୍ରଣ ପ୍ରସଂଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍କୁଲ ମିଶ୍ରଣ ପ୍ରସଂଗରେ ଚୂଡାନ୍ତ ନିଷ୍ପତ୍ତି ପୂର୍ବରୁ ଅଭିଭାବକ, ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଭାବିତ ହେବାକୁ ଥିବା ପକ୍ଷମାନଙ୍କ ମତାମତ ନିଆ ଯିବା କଥା। କିନ୍ତୁ ଏପରି କରାଯାଉ ନାହିଁ। ସରକାରୀ ସ୍କୁଲ ବନ୍ଦ ସଂପର୍କିତ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ ବୋଲି ଏହି ସବୁ ଆବେଦନରେ ଦର୍ଶାଯାଇଥିଲା। ହାଇକୋର୍ଟ ଏ ସଂପର୍କିତ ମାମଲା ଗୁଡିକର ଶୁଣାଣି କରି ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ସହିତ ଅନ୍ୟପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିବା ସହିତ ସ୍କୁଲ ମିଶ୍ରଣ ପ୍ରସଂଗରେ ସ୍ଥିତାବସ୍ଥା ଜାରି କରିଥିଲେ। ଗତ ମାର୍ଚ୍ଚ ୯ରେ ଗଣଶିକ୍ଷା ବିଭାଗ ପକ୍ଷରୁ ମାମଲା ଗୁଡିକରେ ଜବାବ ଦାଖଲ କରାଯାଇଥିଲା। ଏହାପରେ ସରକାରଙ୍କ ଜବାବ ଉପରେ ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ମଧ୍ୟ ଦାଖଲ କରାଯାଇଥିଲା।

# ମନୋଜ ଦାସଙ୍କ ସ୍ମୃତିରେ 'ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର'



**ଭୁବନେଶ୍ୱର :** ଯଶସ୍ୱୀ ସାରସ୍ୱତ ସାଧକ ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ 'ମନୋଜ ଦାସ ଆନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଓଡ଼ିଆ ସାହିତ୍ୟିକ ମାନଙ୍କୁ ଏହି ପୁରସ୍କାର ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଦିଆଯିବ। ପୁରସ୍କାର ରାଶି ବାବଦକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଯୁବପିଢ଼ି ମଧ୍ୟରେ ଉଭୟ ଇଂରାଜୀ ଓ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ନିମନ୍ତେ ପ୍ରତିବର୍ଷ ହାଇସ୍କୁଲ ସ୍ତରରେ ଇଂରାଜୀ ଓ ସାହିତ୍ୟରେ ମୌଳିକ ରଚନା ପାଇଁ 'ମନୋଜ-କିଶୋର ସାହିତ୍ୟ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଏଥିନିମନ୍ତେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଗୋଟିଏ ଗୋଟିଏ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ମନୋଜ ଦାସଙ୍କ ପରିବାର ସଦସ୍ୟମାନଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ତାଙ୍କର ଜନ୍ମ ସ୍ଥାନ ବାଲେଶ୍ୱର ଜିଲ୍ଲା ଶଙ୍ଖାରୀ ଗ୍ରାମରେ ଥିବା ତାଙ୍କର ପୈତୃକ ବାସଭବନକୁ ହାତକୁ ନେବେ ଏବଂ ତାହାକୁ ପ୍ରଥିତଯଶା ଭାତୃଦ୍ୱୟ ପ୍ରଫେସର ମନ୍ମଥ ନାଥ ଦାସ ଓ ମନୋଜ ଦାସ, ଏହି ଦୁଇ ଭାଇଙ୍କ ନାମରେ 'ମନ୍ମଥ-ମନୋଜ ସ୍ମାରକୀ' ଭାବରେ ଘୋଷଣା କରାଯିବ। ସେଠାରେ ଉଭୟ ମନ୍ମଥ ଦାସ ଓ ମନୋଜ ଦାସଙ୍କ ଦ୍ୱାରା ଇତିହାସ ଓ ସାହିତ୍ୟ ଉପରେ ଲିଖିତ ସମସ୍ତ ପୁସ୍ତକକୁ ରଖାଯାଇ ଏକ ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯିବ। ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ମଧ୍ୟ କରାଯିବ। ସ୍ୱର୍ଗତ ମନୋଜ ଦାସଙ୍କର ସ୍ମୃତିରେ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ରିପୋର୍ଟ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯିବ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ମନୋଜ ଦାସଙ୍କର ବିୟୋଗ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପରିବାରର ସଦସ୍ୟ ମାନଙ୍କ ସହିତ ଟେଲିଫୋନ ଯୋଗେ କଥା ହୋଇ ସମବେଦନା ଜଣାଇବା ସହିତ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତି ରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ।

# ତେଲେଙ୍ଗାନା, ଆନ୍ଧ୍ରରୁ ଆସିଲେ ୧୪ ଦିନ କ୍ୱାରେଣ୍ଟାଇନ୍



**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଫେରନ୍ତାଙ୍କ ପାଇଁ ୧୪ ଦିନିଆ କ୍ୱାରେଣ୍ଟାଇନ୍‌କୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। କୋଭିଡ୍-୧୯ର 'ଭିରୁଲେଣ୍ଟ ଭାରିଆଣ୍ଟ' ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଫେରନ୍ତାଙ୍କ ଦେହରେ କୋଭିଡ଼ର ନୂଆ ମ୍ୟୁଟାଣ୍ଟ ଠାବ କରାଯାଇଛି। ତେଣୁ ସେଠାରୁ ଓଡ଼ିଶା ଆସୁଥିବା ବ୍ୟକ୍ତିମାନେ ନିଶ୍ଚିତ ଭାବେ ୧୪ ଦିନିଆ କ୍ୱାରେଣ୍ଟାଇନ୍‌ରେ ରହିବେ। ସେମାନଙ୍କୁ ସରକାରଙ୍କ ଦ୍ୱାରା କରାଯାଇଥିବା ଆନୁଷ୍ଠାନିକ ଅସ୍ଥାୟୀ ମେଡିକାଲ ସେଣ୍ଟର (ଟିଏମ୍‌ସି)ରେ ରହିବାକୁ ପଡିବ। ଯେଉଁ ବ୍ୟକ୍ତିମାନେ ଓଡ଼ିଶା ଆସିବାର ୪୮ ଘଣ୍ଟା ପୂର୍ବରୁ ଆରଟିପିସିଆର ନେଗେଟିଭ୍ ରିପୋର୍ଟ ହାସଲ କରିଥିବେ କିମ୍ବା ଦୁଇ ଡୋଜ୍ ଟିକା ନେଇଥିବେ ସେମାନଙ୍କୁ ନିଜ ଘରେ ଏକ ସପ୍ତାହର ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପଡିବ। ଯଦି କେହି ହୋମ୍ କ୍ୱାରେଣ୍ଟାଇନ୍ ନିୟମକୁ ଉଲ୍ଲଘଂନ କରନ୍ତି ସେମାନଙ୍କୁ ୧୪ଦିନିଆ ଆନୁଷ୍ଠାନିକ ଟିଏମ୍‌ସିରେ ରହିବାକୁ ପଡିବ। ଏହାବ୍ୟତୀତ ଗଞ୍ଜାମ, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇ ତୁରନ୍ତ ସୀମାବର୍ତ୍ତୀ ଚେକପୋଷ୍ଟରେ ଏହି ଦୁଇ ରାଜ୍ୟରୁ ଓଡ଼ିଶାକୁ ପ୍ରବେଶ ପାଇଁ ରହିଥିବା ମାର୍ଗରେ ଚେକିଂ କଡାକଡି ପାଇଁ କହିଛନ୍ତି। ଏହି ଦୁଇ ରାଜ୍ୟକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ଓ ଛୋଟ ରାସ୍ତା ଦେଇ ଯେଭଳି କେହି ବେଆଇନ ଭାବେ ନଆସିବେ ତାହା ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିବ। ତେବେ ସରକାରଙ୍କ କୋଭିଡ୍-୧୯ ପରିଚାଳନାରେ ସମ୍ପୃକ୍ତ ଥିବା ସରକାରୀ ଓ ବେସରକାରୀ ହସ୍ପିଟାଲ ତଥା ସରକାରଙ୍କ ଦ୍ୱାରା ଅନୁମତି ପାଇଥିବା ବ୍ୟକ୍ତିମାନଙ୍କ ପାଇଁ ଏହି ନିୟମ ଲାଗୁ ହେବନାହିଁ। ତେବେ ସେମାନେ ଯାତ୍ରା କରିବା ବେଳେ କୋଭିଡ୍ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବେ ବୋଲି ଏସ୍‌ଆରସି ଶ୍ରୀ ଜେନା ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିଡିଓ ସଚେତନତା ଜାରି

# ଗୃହ ପୃଥକବାସକୁ ପ୍ରୋତ୍ସାହିତ କର



**ଭୁବନେଶ୍ୱର :** କରୋନାରେ ସଂକ୍ରମିତ ସ୍ୱଳ୍ପ କିମ୍ବା କମ୍ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଗୃହ ପୃଥକବାସରେ ରହିବା ଲାଗି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିଡିଓ ବାର୍ତ୍ତା ଜାରି ହୋଇଛି। ଏଥିରେ ଗୃହ ପୃଥକବାସରେ ରହିବା ସମୟରେ ସଂକ୍ରମିତ ବ୍ୟକ୍ତି କ'ଣ କରିବେ ଓ ତାଙ୍କୁ ସହାୟତା କରୁଥିବା ବ୍ୟକ୍ତି କିଭଳି ସତର୍କତା ଅବଲମ୍ବନ କରିବେ ସେ ସଂପର୍କରେ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସାଧାରଣ ଜନତା ଓ ଆଗଧାଡ଼ିର ଯୋଦ୍ଧାଙ୍କ ପାଇଁ ଏହି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ସବୁ ଜିଲ୍ଲାପାଳ, ନଗର ନିଗମ ଓ ସିଡିଏମ୍‌ଓଙ୍କୁ ଚିଠି ଲେଖିଛନ୍ତି। ଭିଡିଓ ବାର୍ତ୍ତାରେ କୁହାଯାଇଛି, ସ୍ୱଳ୍ପ କିମ୍ବା କମ୍ ଲକ୍ଷଣ ଥିବା ବ୍ୟକ୍ତି ଗୃହ ପୃଥକବାସରେ ରହିପାରିବେ। ଏଥିପାଇଁ ତାଙ୍କୁ ବାୟୁ ଚଳାଚଳ କରୁଥିବା ଅଲଗା କୋଠରୀ ଓ ପାଇଖାନା ରହିବା ଜରୁରୀ। ପରିବାରର ଜଣେ ସୁସ୍ଥ ବ୍ୟକ୍ତି ତାଙ୍କର ଦାୟିତ୍ୱ ନେବେ। ସହାୟତା କରୁଥିବା ବ୍ୟକ୍ତି ତିନି ପରସ୍ତ ବା ସର୍ଜିକାଲ ମାସ୍କ ପିନ୍ଧିବେ। ରୋଗୀଙ୍କୁ ତାଙ୍କ କୋଠରୀରେ ଖାଇବାକୁ ଦିଆଯିବ। ରୋଗୀ ବ୍ୟବହାର କରୁଥିବା ଜିନିଷପତ୍ରକୁ ଅଧ ଘଣ୍ଟା ୧ ପ୍ରତିଶତ ବ୍ଲିଚିଂ ସମିଶ୍ରଣରେ ସଫା କରିବାକୁ ହେବ। ସଫା କରିବା ସମୟରେ ବ୍ୟକ୍ତି ଜଣକ ଗ୍ଲୋଭ୍ସ ଓ ମାସ୍କ ପିନ୍ଧିବେ। ଅତିକମ୍‌ରେ ଜଣେ ସଂକ୍ରମିତଙ୍କୁ ୧୪ଦିନ ସଙ୍ଗରୋଧରେ ରହିବାକୁ ହେବ। ସଙ୍ଗରୋଧରେ ରହିବା ସମୟରେ ଯଦି ଲଗାତାର ଭାବେ ୧୦୨ଜ୍ୱର ଲାଗି ରହେ, ଛାତିରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା, ପ୍ରତି ମିନିଟରେ ଶ୍ୱାସକ୍ରିୟା ହାର ଲଗାତାର ୨୪ରୁ ଅଧିକ ରହିବ, ବିଶ୍ରାମ ନେବା ସମୟରେ ଅକ୍ସିଜେନ୍ ସାଚୁରେସନ୍ ହାର ୯୪ ପ୍ରତିଶତରୁ ଯଦି ତଳେ ରହେ ତାହେଲେ ୧୦୪ ନମ୍ବରକୁ ଯୋଗାଯୋଗ କରିବେ। ଭୁବନେଶ୍ୱର ବାସିନ୍ଦା ୧୯୨୯ ନମ୍ବରକୁ ଯୋଗାଯୋଗ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ବିନା ପୂର୍ବ ସୂଚନାରେ ଟିକା କେନ୍ଦ୍ର ଆସିବା ମନା

**ଭୁବନେଶ୍ୱର :** ମୋବାଇଲ ଫୋନରେ ମେସେଜ୍ ନ ଆସିଥିଲେ କିମ୍ବା ପୂର୍ବ ସୁଚନା ନ ଥାଇ କୌଣସି ବ୍ୟକ୍ତି ଆଉ ଟିକା ଦାନ କେନ୍ଦ୍ର ଆସିବେ ନାହିଁ। ଏ ନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ଇସ୍ତାହାର ଅନୁଯାୟୀ ଲକ୍ଡାଉନ୍ ସମୟରେ ଟିକାକରଣ, ସ୍ୱାସ୍ଥ୍ୟସେବା, କୋଭିଡ ପରୀକ୍ଷା ଓ ଜରୁରୀ ସେବା ସହ ସଂପୃକ୍ତ କାର୍ଯ୍ୟାଳୟ ଖୋଲା ରହିବ। ଟିକାକରଣ ପାଇଁ ପଞ୍ଜୀକରଣ ମେସେଜ୍ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ପଞ୍ଜୀକୃତ ହୋଇନଥିବା ବ୍ୟକ୍ତିମାନେ ଟିକାକରଣ କେନ୍ଦ୍ର ଆଗରେ ଅଯଥା ଭିଡ଼ ନ ଜମାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପନିପରିବା ହାଟ, ମାଛ, ମାଂସ ଦୋକାନ ପାଇଁ ଯେପରି ଗୋଟିଏ ଦୋକାନରୁ ଆଉ ଗୋଟିଏ ଦୋକାନ ଭିତରେ ଅନ୍ୟୁନ ୩୦ ଫୁଟ ଦୂରତା ରହିବ, ସେ ନେଇ ମଧ୍ୟ କଡ଼ା ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଛି। କୌଣସି ପରିସ୍ଥିତିରେ ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିବ ନାହିଁ। ମାଇକ୍ ଯୋଗେ ଜନସାଧାରଣଙ୍କୁ ସତର୍କ କରାଇବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସହରାଞ୍ଚଳ କର୍ତ୍ତୃପକ୍ଷ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଅନୁପାଳନ କରାଯିବ। ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଭିଡ଼ ଜମୁଥିବା ସ୍ଥାନଗୁଡ଼ିକ ବୁଲି ତଦାରଖ କରିବେ। ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ବି ନେବେ। ଆସନ୍ତା ୬ରୁ ୭ ଦିନ ଭିତରେ ସଂକ୍ରମଣ ହାରକୁ ନିୟନ୍ତ୍ରଣ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବାକୁ ଅଧିକାରୀମାନଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିସନର ତଥା ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା, ପୋଲିସ ମହାନିର୍ଦ୍ଦେଶକ ଅଭୟ, ଭୁବନେଶ୍ୱର-କଟକ କମିସନରେଟ୍ ପୁଲିସ କମିସନର ସୌମେନ୍ଦ୍ର ପ୍ରୀୟଦର୍ଶୀ, ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁଗର୍ଗ, ବିଏମସି କମିସନର ପ୍ରେମଚନ୍ଦ ଚୌଧୁରୀ, ସିଏମ୍ଭି କମିସନର ଅନନ୍ୟା ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ରାଜ୍ୟରେ ମୋଟ ସଂକ୍ରମଣ ମାମଲାର ୨୦% ଶିଶୁ




**ଭୁବନେଶ୍ୱର :** କରୋନାର ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ଅଧିକ ଛୁଆ ସଂକ୍ରମିତ ହେଉଛନ୍ତି। ଏହାପଛରେ ଭୂତାଣୁର ନୂଆ ରୂପ ରହିଛି। ଭାଇରସର ମ୍ୟୁଟେସନ୍ ଯୋଗୁଁ ଅଧିକ ଶିଶୁ ସଂକ୍ରମିତ ହେଉଥିବା କହିଛନ୍ତି ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ପ୍ରଭାକର ମିଶ୍ର। ରାଜ୍ୟରେ ଚିହ୍ନଟ ମୋଟ ସଂକ୍ରମଣ ମାମଲାରୁ ୨୦% ମାମଲା କିଶୋର, କିଶୋରୀଙ୍କ ଠାରେ ଚିହ୍ନଟ ହୋଇଛି। ଶିଶୁ ଓ କିଶୋର କିଶୋରୀଙ୍କୁ କରୋନା କମ ମାତ୍ରାରେ ସଂକ୍ରମିତ କରୁଛି। କୋଭିଡ୍ ମୁକ୍ତ ହେବା ପରେ ୨ ରୁ ୫ ସପ୍ତାହ ମଧ୍ୟରେ ସେମାନଙ୍କ ଠାରେ ପ୍ରବଣତା କମ ରହୁଥିବା ବେଳେ ଏମ୍‌ଆଇସି ଦେଖାଯାଉଛି। ଯେଉଁଥିରେ ହୃଦଯନ୍ତ୍ର, ଶ୍ୱାସକ୍ରିୟା, ଯକୃତ, ବୃକକ ଆଦି ପ୍ରଭାବିତ ହେଉଛି। ସେମାନେ ଗୁରୁତର ହୋଇ ଆଇସିୟୁରେ ଭର୍ତ୍ତି ହେଉଛନ୍ତି। ତେଣୁ ସାବଧାନ ରହିବା ଉଚିତ। କରୋନାର ଦ୍ୱିତୀୟ ଲହରରେ କେତେକ ନୂଆ ଲକ୍ଷଣ ଦେଖାଯାଉଛି। ତରଳ ଝାଡା, ପେଟ ବଥା, ବାନ୍ତି ହେବା, ଜିଭରେ ଲାଲ ପଡିବା, ଆଖି ଲାଲ ପଡିବା, ଚର୍ମ ସଂକ୍ରମଣ ଆଦି ନୂଆ ଲକ୍ଷଣ ଦେଖାଯାଉଛି। ପିଲାମାନଙ୍କ କ୍ଷେତ୍ରରେ ପ୍ରଚଳିତ ଔଷଧ ଡାକ୍ତରଙ୍କ ପରାମର୍ଶକ୍ରମେ ଦିଆଯାଇ ପାରିବ। ଶିଶୁଙ୍କ ଠାରେ ରୋଗ ପ୍ରତିଷେଧକ ଶକ୍ତି ଅଧିକ ଥିବାରୁ ସେମାନେ ଶୀଘ୍ର କୋଭିଡ୍ ମୁକ୍ତ ହେଉଛନ୍ତି। ଛୁଆ କୋଭିଡ୍ ସଂକ୍ରମିତ ହୋଇଥିଲେ ଘରେ ହୋମ୍ ଆଇସୋଲେସନରେ ରହି ପାରିବେ। ସମସ୍ତ ପ୍ରକାର କୋଭିଡ୍ ନିୟମକୁ ପାଳନ କରିବାକୁ ପଡିବ। ତେବେ ଛୁଆକୁ ୪ମାସ ହୋଇଥିବା ବେଳେ ମାଆ ସଂକ୍ରମିତ ହେଲେ ଛୁଆକୁ ସ୍ତନ୍ୟପାନ କରାଇପାରିବେ। ଛୁଆକୁ କ୍ଷୀର ଦେବା ପୂର୍ବରୁ ମାଆ ସାବୁନରେ ହାତ ଧୋଇବା ସହ ମାସ୍କ ପିନ୍ଧିବା ଉଚିତ୍ ବୋଲି ଡାକ୍ତର କହିଛନ୍ତି।

# ଯୋଜନାରେ ଅଟକିଛି କୃତ୍ରିମ ଫୁସ୍‌ଫୁସ୍ ବ୍ୟବସ୍ଥା



**କଟକ :** ରାଜ୍ୟରେ କୋଭିଡ୍ ସଂକ୍ରମଣ ସ୍ଥିତି ସଙ୍ଗୀନ ହେବାକୁ ଲାଗିଥିବାବେଳେ ଫୁସ୍‌ଫୁସ୍ ସଂକ୍ରମଣ ଚିନ୍ତାର କାରଣ ପାଲଟିଲାଣି। କରୋନାର ୨ୟ ଲହରରେ ଅକ୍ସିଜେନ ଅଭାବ ଫୁସ୍‌ଫୁସ୍ ସଂକ୍ରମଣ ସହ ଫୁସ୍‌ଫୁସ୍ ଅକାମି ଭଳି ସ୍ଥିତି ମଧ୍ୟ ଉଦ୍‌ବେଗ ସୃଷ୍ଟି କଲାଣି। କିନ୍ତୁ ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଫୁସ୍‌ଫୁସ୍ ଟ୍ରାନ୍ସପ୍ଲାଣ୍ଟ୍ ଆଜି ପର୍ଯ୍ୟନ୍ତ ହୋଇପାରିନି। ଫୁସ୍‌ଫୁସ୍ ଅଧିକମାତ୍ରରେ ସଂକ୍ରମିତ ଓ ଅଚଳ ହୋଇପଡୁଥିବା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଏସ୍‌ସିବି ସମେତ ରାଜ୍ୟର ସରକାରୀ ବ୍ୟବସ୍ଥାରେ ଏକ୍ମୋ ବା କୃତ୍ରିମ ଫୁସ୍‌ଫୁସ୍ (ଏକ୍ସଟ୍ରା କର୍ପୋରିଏଲ୍ ମେମ୍ବ୍ରେନ୍ ଅକ୍ସିଜେନେସନ୍ ବା ଏକ୍ସଟ୍ରା କର୍ପୋରିଏଲ୍ ଲାଇଫ୍ ସପୋର୍ଟ ସିଷ୍ଟମ୍) ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇ ପାରିନି। ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ଏକ୍ମୋ ଚିକିତ୍ସା ବ୍ୟବସ୍ଥା ହେଉ ନ ଥିବାରୁ ଅଧିକାଂଶ ଫୁସ୍‌ଫୁସ୍ ସଂକ୍ରମିତ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଯାଉଛନ୍ତି, ଯାହା କି ଗତବର୍ଷ କୋଭିଡ୍ ସମୟରୁ ଦେଖିବାକୁ ମିଳିଲାଣି। ରାଜ୍ୟରେ କରୋନା ସଂକ୍ରମଣ ଦୈନିକ ୧୦ହଜାର ଟପିସାରିଲାଣି। ୨ୟ ଲହରରେ ସଂକ୍ରମିତଙ୍କ ଶରୀରରେ ଅକ୍ସିଜେନ୍‌ର ମାତ୍ରା କମି କମି ଯାଉଥିବାରୁ ଅଧିକ ମାତ୍ରାରେ ଅକ୍ସିଜେନ, ଆଇସିୟୁ ଓ ଭେଣ୍ଟିଲେଟରର ଆବଶ୍ୟକ ପଡୁଛି। କିନ୍ତୁ ରାଜ୍ୟରେ ଭେଣ୍ଟିଲେଟର୍ ପର ଅର୍ଥାତ୍ ଏକ୍ମୋ ବା କୃତ୍ରିମ ଲଙ୍ଗସ୍(ଏକ୍ସଟ୍ରା କର୍ପୋରିଏଲ୍ ମେମ୍ବ୍ରେନ୍ ଅକ୍ସିଜେନେସନ୍ ବା ଏକ୍ସଟ୍ରା କର୍ପୋରିଏଲ୍ ଲାଇଫ୍ ସପୋର୍ଟ ସିଷ୍ଟମ୍) ଚିକିତ୍ସା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ରାଜଧାନୀର ତିନୋଟି ଘରୋଇ ହସ୍ପିଟାଲକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ କେଉଁସିଠାରେ ନାହିଁ। ଜଣେ କୋଭିଡ୍ ସଂକ୍ରମିତଙ୍କଠାରେ ଯଦି ଫୁସ୍‌ଫୁସ୍ ସଂକ୍ରମିତ ହୋଇ ଅଚଳ ହୋଇଯାଉଛି , ତା' ହେଲେ ଭେଣ୍ଟିଲେଟର ଛଡ଼ା ଅନ୍ୟ କେଉଁସି ବିକଳ୍ପ ଚିକିତ୍ସା ବ୍ୟବସ୍ଥା ହୋଇପାରୁନି। ଫୁସ୍‌ଫୁସ୍ ଯଦି ସଂପୂର୍ଣ୍ଣ ଅଚଳ ହୋଇପଡ଼େ ତାହେଲେ ଏକ୍ମୋ ଏକ୍ସଟ୍ରା କର୍ପୋରିଏଲ୍ ମେମ୍ବ୍ରେନ୍ ଅକ୍ସିଜେନେସନ୍ ବା ଏକ୍ସଟ୍ରା କର୍ପୋରିଏଲ୍ ଲାଇଫ୍ ସପୋର୍ଟ ସିଷ୍ଟମ୍ ମାଧ୍ୟମରେ ରୋଗୀକୁ ଚିକିତ୍ସା କରାଯିବା ସହ ପରବର୍ତ୍ତୀ ସମୟରେ ଫୁସ୍‌ଫୁସ୍ ପ୍ରତିରୋପଣ ବ୍ୟବସ୍ଥା ମାଧ୍ୟମରେ ରୋଗୀ ନୂଆ ଜୀବନ ପାଇପାରିବ। କଟକ ବଡ଼ ଡାକ୍ତରଖାନାରେ ଯେହେତୁ କାର୍ଡିଓଥୋରାସିସ୍ ବିଭାଗ ରହିଛି ଓ ଓପନ୍ ହାର୍ଟ ସର୍ଜରି କରାଯାଉଛି, ତେଣୁ ସେହି ବିଭାଗରେ ଫୁସ୍‌ଫୁସ୍ ପ୍ରତିରୋପଣ ବ୍ୟବସ୍ଥା ସମ୍ଭବ। ସେଥିପାଇଁ ଦୀର୍ଘବର୍ଷ ହେବ ପ୍ରସ୍ତାବ ପରେ ପ୍ରସ୍ତାବ ଯାଉଛି କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନି। କିଛିମାସ ତଳେ ପୁଣି ଏହି ଫୁସ୍‌ଫୁସ୍ ପ୍ରତିରୋପଣ ବ୍ୟବସ୍ଥା ପାଇଁ ପୁଣି ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ସହ ଏ ଦିଗରେ କିଛିଟା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ପୁଣି କରୋନା ମାଡ଼ରେ ଏସବୁ ଯୋଜନା ଓ ପ୍ରସ୍ତାବ ଶୀତଳଭଣ୍ଡାରରେ। କରୋନା ୨ୟ ସଂକ୍ରମଣରେ ଫୁସ୍‌ଫୁସ୍ ସଂକ୍ରମିତ ଓ ଅଚଳ କାରଣରୁ ଅନେକ ମୃତ୍ୟୁ ମଧ୍ୟ ଘଟୁଥିବାବେଳେ ଏବେ ରାଜ୍ୟରେ ଏକ୍ମୋ ମେସିନ୍‌ର ଆବଶ୍ୟକତା ଜରୁରୀ ହୋଇପଡିଛି। ଏହି ମେସିନ୍‌ର ଦାମ୍ ପାଖାପାଖି ୪୦ଲକ୍ଷ ଟଙ୍କା ହୋଇଥିବାବେଳେ ଏଥିପାଇଁ ଭିତ୍ତିଭୂମିର ଆବଶ୍ୟକତା ରହିଛି। ସରକାର ସରକାରୀ ବ୍ୟବସ୍ଥାରେ ଏକ୍ମୋ ସିଷ୍ଟମ୍ କାର୍ଯ୍ୟକାରୀ କଲେ ହୁଏତ କରୋନା ଦ୍ୱାରା ବା ଫୁସ୍‌ଫୁସ୍ ସଂକ୍ରମଣରେ ଚାଲିଯାଉଥିବା ଅନେକ ଜୀବନ ବଞ୍ଚିଯାଇପାରନ୍ତା।

# ଶିକ୍ଷକଙ୍କ ବଦଳି ପାଇଁ ଆବେଦନ ଆରମ୍ଭ

**ଭୁବନେଶ୍ୱର :** ୨୦୨୧ ମସିହା ଲାଗି ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ମେ' ୩୧ ପର୍ଯ୍ୟନ୍ତ ଶିକ୍ଷକମାନେ ନିର୍ଦ୍ଧାରିତ ପୋର୍ଟାଲରେ ଆବେଦନପତ୍ର ଦାଖଲ କରିପାରିବେ। ବ୍ଲକ ଶିକ୍ଷା ଅଧିକାରୀମାନେ ଜୁନ୍ ୧୫ ସୁଦ୍ଧା ସେଗୁଡ଼ିକୁ ଯାଞ୍ଚ କରି ଅପ୍ଲୋଡ କରିବେ୍ୟ ଅନ୍ତଃଜିଲ୍ଲା ବଦଳି ଲାଗି ଆସିଥିବା ପ୍ରସ୍ତାବଗୁଡ଼ିକ ଜୁନ୍ ୨୦ ସୁଦ୍ଧା ନିର୍ଦ୍ଦେଶକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଜୁନ୍ ୨୫ ସୁଦ୍ଧା ରାଜ୍ୟ ମେଡିକାଲ ବୋର୍ଡ ଦ୍ୱାରା ରେଫରେନ୍ସ କେସ୍ ଗୁଡ଼ିକ ଦାଖଲ ହେବା ଆବଶ୍ୟକ ଏବଂ ଜୁଲାଇ ୧୫ ସୁଦ୍ଧା ରିପୋର୍ଟଗୁଡ଼ିକ ବୋର୍ଡଠାରୁ ଗ୍ରହଣ କରାଯିବ। ଜୁଲାଇ ୩୦ ସୁଦ୍ଧା ଏନ୍‌ଆଇସି ଦ୍ୱାରା ଡ୍ରାଫ୍ଟ ଯୋଗ୍ୟତା ତାଲିକା ପ୍ରକାଶ ପାଇବ ଏବଂ ଅଗଷ୍ଟ ୧୬ ସୁଦ୍ଧା ଯୋଗ୍ୟ ତାଲିକା ଅନୁମୋଦନ ହେବ। ଅଗଷ୍ଟ ୨୩ ସୁଦ୍ଧା ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବା ସହ ୩୧ ତାରିଖ ସୁଦ୍ଧା ଶିକ୍ଷକମାନେ କାର୍ଯ୍ୟରେ ଯୋଗଦେବେ। ସେହିପରି ବୁଝାବଣାଭିତ୍ତିରେ ହେବାକୁ ଥିବା ବଦଳି ପାଇଁ ଅଫ୍ଲାଇନ୍‌ରେ ଆବେଦନପତ୍ର ଗ୍ରହଣ କରାଯିବା ସହ ସେଗୁଡ଼ିକୁ ଯାଞ୍ଚ କରାଯାଇ ସ୍କ୍ରୁଟିନାଇଜ୍ ହେବ।

### ଦ୍ରବ୍ୟ ଓ ସେବା କର ସଂଗ୍ରହରେ ସଫଳତା

# ଏପ୍ରିଲରେ ୧୧୨୬.୬୭ କୋଟି ଟଙ୍କା ସଂଗ୍ରହ



**ଭୁବନେଶ୍ୱର :** ରାଜ୍ୟରେ ଦ୍ରବ୍ୟ ଓ ସେବା କର ପ୍ରଚଳନ ହେବା ପରଠାରୁ ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ ଏପ୍ରିଲ ମାସରେ ଓଡ଼ିଶା ୧୧୨୬.୬୭ କୋଟି ଟଙ୍କାର କର ସଂଗ୍ରହ କରି ସର୍ବକାଳୀନ ସଫଳତା ହାସଲ କରିଛି। ୨୦୧୯ ମସିହା ଏହି ସମୟରେ ରାଜ୍ୟର ଦ୍ରବ୍ୟ ଓ ସେବା କର ସଂଗ୍ରହ ପରିମାଣ ୯୨୭.୬୦ କୋଟି ଟଙ୍କା ଥିଲା। ୨୦୨୦ ମସିହା ଏପ୍ରିଲ ମାସରେ କରୋନା ସମୟରେ ଏହା ଥିଲା ମାତ୍ର ୩୬୦.୩୬ କୋଟି। ଏହା ପୂର୍ବରୁ ୨୦୨୧ ମସିହା ମାର୍ଚ୍ଚ ମାସରେ ରାଜ୍ୟ ଦ୍ରବ୍ୟ ଓ ସେବା କର ବାବଦରେ ୯୫୪.୬୨ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ ମାସରେ ଅଧିକ ପରିମାଣର ରାଜ୍ୟ ଦ୍ରବ୍ୟ ଓ ସେବା କର ସଂଗ୍ରହ ପଛରେ ଟିକସ ପଇଠରେ ଉନ୍ନତି, ଲୌହ ଇସ୍ପାତ କ୍ଷେତ୍ରରୁ ଅଧିକ ଅର୍ଥ ସଂଗ୍ରହ ପ୍ରମୁଖ କାରଣ ବୋଲି ଦ୍ରବ୍ୟ ଓ ସେବା କର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାବ୍ୟତୀତ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର, ସମନ୍ୱିତ ଦ୍ରବ୍ୟ ଓ ସେବା କର ଏବଂ ଅତିରିକ୍ତ ଟିକସ ବାବଦରେ ଯଥାକ୍ରମେ ୯୫୨.୪୩, ୧୧୫୭.୦୫ ଓ ୬୧୩.୩୩ କୋଟି ଟଙ୍କା ଏହିପରି ମୋଟ ୩୮୪୯.୪୮ କୋଟି ଟଙ୍କା ସଂଗ୍ରହ କରାଯାଇଛି। ୨୦୧୯ ମସିହା ଏପ୍ରିଲ ମାସରେ ଏହି ପରିମାଣ ୨୯୫୫.୬୦ କୋଟି ଟଙ୍କା ଥିବାବେଳେ ୨୦୨୦ ଏପ୍ରିଲରେ ଏହା ୭୭୪.୨୯ କୋଟି ଟଙ୍କା ଥିଲା। ମୂଲ୍ୟଯୁକ୍ତ ଟିକସ ପଇଠ କରୁଥିବା ବ୍ୟବସାୟୀମାନେ ୨୦୨୧ ମସିହା ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ସେହି ମାସରେ ଟିକସ ପଇଠ କରି ସାରିଥିଲେ। ବାକି ୫ ଦିନର ଟିକସ ଗତ ଏପ୍ରିଲ ମାସରେ ସଂଗ୍ରହ କରାଯାଇଥିଲା। ଏହି ଟିକସର ପରିମାଣ ୨୧୮.୯୫ କୋଟି ଟଙ୍କା ଥିବା ସୂଚନା ଦିଆଯାଇଛି। ୨୦୨୦ ମସିହା ଏପ୍ରିଲ ମାସରେ ଏହି ପରିମାଣ ୧୩୦.୧୧ କୋଟି ଟଙ୍କା ଥିବାବେଳେ ୨୦୧୯ ମସିହା ରେ ଏହା ୧୮୩.୯୨ କୋଟି ଟଙ୍କା ଥିଲା। ଫଳରେ ଏ କ୍ଷେତ୍ରରେ ୬୮.୨୮ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ସୂଚନା ଦିଆଯାଇଛି। ଖଣିଜ ତୈଳ (ପେଟ୍ରୋଲିୟମ) କ୍ଷେତ୍ରରୁ ହୋଇଥିବା ସଂଗ୍ରହରେ ୧୭୫.୩୧ ପ୍ରତିଶତ ଅଭିବୃଦ୍ଧି ଘଟି ଚଳିତ ବର୍ଷ ଏପ୍ରିଲ ମାସରେ ୧୬୬.୮୭ କୋଟି ଟଙ୍କା ଆଦାୟ ହୋଇଛି। ୨୦୨୦ ଏପ୍ରିଲରେ ଏହା ୬୦.୬୧ କୋଟି ଟଙ୍କା ଥିଲା। ୨୦୨୦-୨୧ ଆର୍ଥିକବର୍ଷରେ ୫୨,୨୧୦ ଜଣ ଟିକସଦାତାଙ୍କୁ ଦ୍ରବ୍ୟ ଓ ସେବା କର ପରିସରଭୁକ୍ତ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଖିଲାପିଙ୍କ ବିରୋଧରେ ୧,୨୯,୭୧୧ଟି ବିଜ୍ଞପ୍ତି(ନୋଟିସ) ଜାରି କରାଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।



EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ମଇ, ୨୦୨୧

# ସରକାରଙ୍କ ପାଇଁ ଆହ୍ୱାନ

ମହାମାରୀ କରୋନାର ଦ୍ୱିତୀୟ ଲହରରେ ଅସ୍ତବ୍ୟସ୍ତ ଦେଶବାସୀଙ୍କ ନିମନ୍ତେ ବିଶେଷଜ୍ଞ ପୁଣି ,କ ସତର୍କ ସୂଚନା ଜାରି କରିଛନ୍ତି, ଯାହାକି ଅତ୍ୟନ୍ତ ଭୟପୂର୍ଣ୍ଣ ଓ ଚିନ୍ତାଜନକ । କାରଣ ଦ୍ୱିତୀୟ ଲହର ସରିବା ଆଗରୁ ତୃତୀୟ ଲହର ମାଡିଆସିବ । ବୈଜ୍ଞାନିକଙ୍କ ଏଭଳି ସତର୍କବାଣୀ ବାସ୍ତବରେ ଭୟ ସଞ୍ଚାର କରୁଛି । କାରଣ କରୋନାର ଦ୍ୱିତୀୟ ଲହର ସହ ଲୋକ ଲଢୁଥିଲା ବେଳେ ତୃତୀୟ ଲହର ଆସିବା ଖବର ଜୀବନ ଓ ଜୀବିକା ପାଇଁ ଭୀଷଣ ବିପଦ ନେଇଆସିବାର ସମ୍ଭାବନା ରହିଛି । ଯଦିଓ ବୈଜ୍ଞାନିକମାନେ ତୃତୀୟ ଲହର କେବେ ଆସିବ ତାହାର ନିର୍ଦ୍ଦିଷ୍ଟ ତାରିଖ ଜଣାଇ ନଥିଲେ ମଧ୍ୟ ଏଥିପାଇଁ ସରକାର ପ୍ରସ୍ତୁତ ରହିବାକୁ ସତର୍କ କରିଦିଆଯାଇଛି । ପୂର୍ବାପେକ୍ଷା ତୃତୀୟ ଲହର ଅଧିକ ଭୟଙ୍କର ଓ ସଂକ୍ରମଣ ଅଧିକ ବଢ଼ାଉଥିବା ବିଷୟ ଏଥିରେ ଉଲ୍ଲେଖ ଅଛି । ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହର ଅଧିକ ସଂକ୍ରାମକ ଥିଲା ବେଳେ ତୃତୀୟ ଲହର ଚିନ୍ତା ବଢ଼ାଇବା ସ୍ୱାଭାବିକ । ଭାରତରେ କରୋନା ଭୂତାଣୁର ନୂଆ ପ୍ରଜାତି ମଧ୍ୟ ଦେଖିବାକୁ ମିଳିଛି । ହେଲେ ନୂଆ ପ୍ରଜାତି ପାଇଁ ଟିକା ଫଳପ୍ରଦ ସାବ୍ୟସ୍ତ ହୋଇଥିବା କଥା କହିଛନ୍ତି କେନ୍ଦ୍ର ସରକାରଙ୍କ ପ୍ରମୁକ ବୈଜ୍ଞାନିକ ପରାମର୍ଶଦାତା କେ ବିଜୟ ରାଘବନ । ତଥାପି ସଂକ୍ରମଣ ବଢ଼ାଉଥିବା ନୂଆ ପ୍ରଜାତିକୁ ନିୟନ୍ତ୍ରଣ କରିବା ପାଇଁ ଟିକାରେ ପରିବର୍ତ୍ତନ ଆଣିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି । କାରଣ ଦେଶରେ ଡବଲ ମ୍ୟୁଟାଣ୍ଟ ସଂକ୍ରମଣ ବଢୁଥିବା ନେଇ ସୂଚନା ଦେଇଛନ୍ତି ଶ୍ରୀ ରାଘବନ । ତେବେ ସମଗ୍ର ବିଶ୍ୱରେ କରୋନାର ନୂଆ ପ୍ରଜାତି ଚିହ୍ନଟ ହେଉଥିଲା ବେଳେ ଭାରତରେ ମଧ୍ୟ ଏହା ଦେଖିବାକୁ ମିଳିବ । ସଂକ୍ରମଣ ଖୁବ୍‌ଶୀଘ୍ର ଶୀର୍ଷ ଛୁଇଁବା ନେଇ ଆକଳନ କରାଯାଇଥିଲା ବେଳେ ଏପଟେ ଦେଶରେ ସକ୍ରିୟ ମାମଲା ବଢ଼ିଚାଲିଛି । ବର୍ଦ୍ଧିତ ସକ୍ରିୟ ମାମଲା ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ବୋଝ ହୋଇଥିଲା ବେଳେ ଆଗକୁ ଏହାର ପ୍ରଭାବ କିଭଳି ରହିବ ତାହାକୁ ନେଇ ଚିନ୍ତା ବଢୁଛି । ସୂଚନା ଅନୁଯାୟୀ ମହାରାଷ୍ଟ୍ର ପ୍ରଜାତିର କରୋନା ଭୂତାଣୁ ପାଇଁ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ସଂକ୍ରମଣ ଉପରମୁହାଁ ରହିଛି । ତଥ୍ୟ ଅନୁସାରେ ବେଙ୍ଗାଲୁରୁରେ କୋଭିଡ୍ ସଂକ୍ରମଣ ଅତି ସାଙ୍ଘାତିକ ସ୍ଥିତିରେ ପହଞ୍ଚିଯାଇଛି । ସବୁଠୁ ଅଧିକ ସଙ୍କଟ ସୃଷ୍ଟି କରିଛି ଅକ୍ସିଜେନ ଅଭାବ । କୋଭିଡ୍ ରୋଗୀଙ୍କ ପାଇଁ ଅକ୍ସିଜେନ ଏକ ଜରୁରୀ ସାମଗ୍ରୀ ପାଲଟିଯାଇଛି । ବିଭିନ୍ନ ରାଜ୍ୟରେ ଅକ୍ସିଜେନ ସଙ୍କଟ ଯୋଗୁ ସଂକ୍ରମିତଙ୍କ ଜୀବନ ମଧ୍ୟ ଚାଲିଯାଇଛି । ବିକଶିତ ରାଷ୍ଟ୍ର ଗୁଡିକରେ ଯେଭଳି ଅକ୍ସିଜେନ ପାଇଁ ଭିତ୍ତିଭୂମି ଠିକ ଅଛି, ବିକାଶଶୀଳ ରାଷ୍ଟ୍ରରେ ସେଭଳି ସୁବିଧା ନାହିଁ । ବିକଶିତ ଦେଶର ହସ୍ପିଟାଲ ଗୁଡିକର ନିଜସ୍ୱ ଅକ୍ସିଜେନ ପ୍ଲାଣ୍ଟ ଥିଲା ବେଳେ ଭାରତରେ ସେଭଳି ଭିତ୍ତିଭୂମି ସୁଦୃଢ଼ କରାଯାଇନଥିବାରୁ ସମ୍ପ୍ରତି ଅକ୍ସିଜେନ ଅଭାବ ଏଭଳି ସଙ୍କଟ ସୃଷ୍ଟି କରିଛି । ଭାରତ ସରକାର ଯଦିଓ ବିଭିନ୍ନ ଶିଳ୍ପ ଜରିଆରେ ଅକ୍ସିଜେନ ଉତ୍ପାଦନ ବଢ଼ାଇଛନ୍ତି, ତଥାପି ଏହା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ନୁହେଁ । କୋର୍ଟଙ୍କ ହସ୍ତକ୍ଷେପ ପରେ ସରକାର ରୋଗୀଙ୍କୁ ଅକ୍ସିଜେନ ଯୋଗାଇଦେବା ନିଶ୍ଚିତ ଚିନ୍ତାଜନକ । ଦେଶର ରାଜଧାନୀରେ ଏଭଳି ସଙ୍କଟ ସମସ୍ତଙ୍କୁ ବ୍ୟଥିତ କରୁଥିଲା ବେଳେ ତୃତୀୟ ଲହର କିଭଳି ବିପର୍ଯ୍ୟୟ ସୃଷ୍ଟି କରିବ ତାହା ଭାବିବାକୁ ପଡୁଛି । ଗତ ଶୁକ୍ରବାର ସୁଦ୍ଧା ଭାରତରେ ରେକର୍ଡ ସଂଖ୍ୟକ ନୂଆ ସଂକ୍ରମଣ ମାମଲା ବିଶ୍ୱରେ ରେକର୍ଡ କରିଛି । ଏହି ପରିପ୍ରେକ୍ଷୀରେ ଦେଶରେ କୋଭିଡ୍-୧୯ର ତୃତୀୟ ଲହର ସଂକ୍ରମଣ ଅବଶ୍ୟମ୍ଭାବୀ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେବା ଫଳରେ ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ରହିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଲୋକଙ୍କ ଭିତରେ ଅକ୍ସିଜେନ ଅଭାବକୁ ନେଇ ଯେଉଁ କୋକୁଆ ଭୟ ରହିଛି, ତାହା ଦୂର କରି ଅକ୍ସିଜେନ ଗଚ୍ଛିତ ରଖିବାକୁ ଅଦାଲତ ପରାମର୍ଶ ଦେଇଛନ୍ତି । କରୋନା ମହାକାରୀର ଭୟାବହତା ମଧ୍ୟରେ ଓଡ଼ିଶା ସରକାର ଭୁବନେଶ୍ୱରରେ କୋଭାକ୍ସିନ ଟିକା ଉତ୍ପାଦନ ଶିଳ୍ପ ନିର୍ମାଣ ଆରମ୍ଭ କରିଦେଇଛନ୍ତି । ୨୦୨୨ ଜୁନ୍ ସୁଦ୍ଧା ଏହି ୟୁନିଟ୍‌ରୁ କୋଭାକ୍ସିନ ଟିକା ଉତ୍ପାଦନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଭାରତ ବାୟୋଟେକ କମ୍ପାନୀ ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପରୁ ୧୦ ପ୍ରକାର ଟିକା ଉତ୍ପାଦନ ହେବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟ ସଚିବ ସୂଚନା ଦେଇଛନ୍ତି । କୋଭିଡ୍ ପରିସ୍ଥିତିରେ ରାଜ୍ୟରୁ ଟିକା ଉତ୍ପାଦନ ହେବାର ଖବର ନିଶ୍ଚୟ ଏକପ୍ରକାର ଆଶ୍ୱସ୍ତି ଦେଇଛି ।



ସମ୍ବାଦକୀୟ

ତାରକ ମହାନ୍ତି

କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ସମଗ୍ର ଦେଶକୁ ଘାଇଲା କରିଥିବା ବେଳେ ଏବେ ତୃତୀୟ ଲହର ସଂକ୍ରମଣରେ ସରକାର ଲୋକଙ୍କୁ ସତର୍କ କରାଇବା ଲୋକଙ୍କ ମନରେ ଆହୁରି ଚିନ୍ତା ବଢ଼ାଇ ଦେଇଛି । ଦେଶରେ ତୃତୀୟ ଲହର ଆସିବ ଏବଂ ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କେ. ବିଜୟ ରାଘବନ କଠୋର କଟକଣା ଲାଗୁ କରି ପରିସ୍ଥିତି ନିୟନ୍ତ୍ରଣ କରିହେବ ବୋଲି କହିଛନ୍ତି । ଏଥିସହିତ ସବୁ ଅଞ୍ଚଳ ଯଦି କୋଭିଡ୍ ନିୟମ ସଫଳତାର ସହିତ କାର୍ଯ୍ୟକାରୀ କରିବ ତେବେ ତୃତୀୟ ଲହରକୁ ଏଡାଇ ଦିଆଯାଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି । ସୁପ୍ରିମ୍‌କୋର୍ଟଙ୍କ କଡା ଚେତାବନୀ ପରେ କେନ୍ଦ୍ର ସରକାର ତୃତୀୟ ଲହର ପାଇଁ ସବୁ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ତୃତୀୟ ଲହରରେ ଶିଶୁମାନେ ଅଧିକ ଆକ୍ରାନ୍ତ ହେବେ ବୋଲି ଆଶଙ୍କା ରହିଥିବାରୁ ସେମାନଙ୍କ ପାଇଁ ଟିକାକରଣ କରାଯିବା ଉପରେ ସୁପ୍ରିମ୍‌କୋର୍ଟ ବିଶେଷ ଗୁରୁତ୍ୱ ଦେବା ସହିତ ସବୁ ସ୍ତରରେ ସତର୍କତା ଅବଲମ୍ବନ ପାଇଁ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେ ରାଘବନ କହିଛନ୍ତି ଯେ, ସ୍ଥାନୀୟ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ବ୍ୟାପକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ସମ୍ପୂର୍ଣ୍ଣ ପାଳନ କରାଗଲେ ତୃତୀୟ ଲହରର ପ୍ରଭାବକୁ ଅତି ନଗଣ୍ୟ କରିହେବ କିମ୍ବା ସମ୍ପୂର୍ଣ୍ଣ ଏଡାଇ ଦିଆଯାଇପାରିବ । ଯଦିଓ କେଉଁ ସମୟରେ ତୃତୀୟ ଲହର ଆସିବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟ ସୂଚନା ମିଳିନଥିଲେ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଡବଲ ମ୍ୟୁଟାଣ୍ଟ ପାଇଁ ସଂକ୍ରମଣ ବଢ଼ିଚାଲିଛି ଏବଂ ପ୍ରତିଦିନ ଏହା ରେକର୍ଡ ଭାଙ୍ଗୁଛି । ରୋଗ ପ୍ରତିରୋଧକରୁ ଖସି ଯାଉଥିବା ପ୍ରଜାତି ଏବଂ ରୋଗର ଭୟାବହତାକୁ ଅଧିକ ବଢ଼ାଇବା ଭଳି ପ୍ରଜାତି ଆଗକୁ ଚିହ୍ନଟ ହୋଇପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କଲେଣି । ସେହି ଅନୁଯାୟୀ ଅଧିକ ଫଳପ୍ରଦ ଟିକା ପ୍ରସ୍ତୁତ ପାଇଁ ଏବେ ବିଶ୍ୱବ୍ୟାପୀ ପ୍ରୟାସ ଜାରି ରହିଥିଲା ବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ତୃତୀୟ ଲହର ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଟିକାକରଣକୁ ଆହୁରି ବ୍ୟାପକ କରିବା ପାଇଁ ମଧ୍ୟ ସରକାରୀ ସ୍ତରରେ ଉଦ୍ୟମ କରାଯାଉଛି । ତଥାପି ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଟିକାକରଣ ସହଜ ହୋଇନଥିଲା ବେଳେ ଏହା ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଶିକ୍ଷା ବ୍ୟବସ୍ଥା ଉପରେ କରୋନାର ପ୍ରଭାବ



ପ୍ରଦୀପ୍ତ ଆଚାର୍ଯ୍ୟ

କରୋନା ମହାମାରୀର ଭୟଙ୍କର କୁପ୍ରଭାବରେ ସମଗ୍ର ବିଶ୍ୱବାସୀ ଆଜି ସ୍ତମ୍ଭୀଭୁତ ।ପ୍ରଥମ ଲହର ଗୋଟିଏ ବର୍ଷ ତାଣ୍ଡବ ରଚିବା ପରେ, ପୁଣି ଭୟଙ୍କର ରୁପେ ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଛି । ଶିଳ୍ପପତି ଠାରୁ ଆରମ୍ଭ କରି ଶ୍ରମିକ ପର୍ଯ୍ୟନ୍ତ ଏବଂ ରାଜନେତା ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ କ୍ଷତିଗ୍ରସ୍ତ । ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ । ପ୍ରବଳ ବେଗରେ ବ୍ୟାପୁଥିବା ମହାମାରୀର ବିଲୟ ହେବ କି ନାହିଁ ତାହା ମଧ୍ୟ ଅକଳ୍ପନୀୟ । ସର୍ବୋପରି ଶିକ୍ଷା ବ୍ୟବସ୍ଥା ଉପରେ ଏହାର କୁପ୍ରଭାବ ସୁଦୁରପ୍ରସାରୀ ଏବଂ ବିଶେଷ ଭାବରେ ଗ୍ରାମାଚଂଳର ଛାତ୍ରଛାତ୍ରୀ ମାନେ ଅଧିକ ପ୍ରଭାବିତ । କୋମଳମତି ଶିକ୍ଷାର୍ଥୀ ମାନଙ୍କୁ ଏ ଭୟଙ୍କର ପରିସ୍ଥିତିରେ ଶ୍ରେଣୀ ଗୃହରେ ଏକତ୍ରୀତ କରି ସାମାଜିକ ଦୁରତ୍ୱ ରକ୍ଷା ପୁର୍ବକ ଶିକ୍ଷାଦାନ ସମ୍ପୂର୍ଣ ଅସମ୍ଭବ ମନେହୁଏ । ସରକାରଙ୍କର,ଯୁଗ୍ମ ଅଯୁଗ୍ମ ସଂଖ୍ୟାର ଶିକ୍ଷାର୍ଥୀ ମାନଙ୍କୁ ନେଇ ପୃଥକ ଶିକ୍ଷାଦାନ ଚିନ୍ତନ ମଧ୍ୟ ଅବାସ୍ତବ । କାରଣ ଏହାଦ୍ୱାରା ଗୋଟିଏ ଶିକ୍ଷା ବର୍ଷର ପାଠ୍ୟକ୍ରମ ଶେଷ କରିବା ପାଇଁ ଦୁଇଟି ଶିକ୍ଷା ବର୍ଷ ଆବଶ୍ୟକ ହେବ । ପାଠ୍ୟସୂଚୀ ହ୍ରାସ କଳ୍ପନା ମଧ୍ୟ ଶିକ୍ଷାର୍ଥୀ ମାନଙ୍କ ଦକ୍ଷତା ବିକାଶର ପରିପନ୍ଥି । ନାହିଁ ମାମୁଁ ଠାରୁ କଣା ମାମୁଁ ନ୍ୟାୟରେ ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା । ଏହି ବ୍ୟବସ୍ଥାରେ ମଧ୍ୟ ସମସ୍ତ ଅଂଚଳ ତଥା ସମସ୍ତ ବର୍ଗର ଛାତ୍ରଛାତ୍ରୀ ଉପକୃତ ହୋଇ ପାରୁନାହାନ୍ତି । ତାହାର କାରଣ ହେଲା ୧)ଅଧିକାଂଶ ସ୍ୱଳ୍ପ ଆୟକାରୀ ଅଭିଭାବକ ମାନଙ୍କ ନିକଟରେ ମୋବାଇଲ ଫୋନ୍ ନାହିଁ ବା ଅନ୍‌ଲାଇନ୍ ପାଠ୍ୟ ଗ୍ରହଣ କରିବା ପରି ଉପଯୁକ୍ତ ସେଟ୍ ନାହିଁ । ୨) ରାଜ୍ୟର ଦୁର୍ଗମ ଅଂଚଳରେ ଏବେବି ମୋବାଇଲ ଓ ଇଂଟରନେଟ୍ ସେବା ଉପଲବ୍ଧ ହୋଇପାରିନାହିଁ । ୩) ଗ୍ରାମାଚଂଳ ଅଭିଭାବକ ତଥା ଶିକ୍ଷାର୍ଥୀ ମାନଙ୍କର ଅନ୍‌ଲାଇନ୍ ଶିକ୍ଷା ଗ୍ରହଣ କରିବାର ବୈଷୟିକ ଗ୍ୟାନ ପର୍ଯ୍ୟାପ୍ତ ନୁହେଁ । ୪)ଶିକ୍ଷାର୍ଥୀ ମାନଙ୍କ ଅମନଯୋଗିତା ମଧ୍ୟ ଏହାର ଅନ୍ୟତମ କାରଣ । ଯେଉଁ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରେଣୀଗୃହ ଶିକ୍ଷା ଗ୍ରହଣରେ ବିଫଳ ହେଉଥିଲେ, ସେମାନେ ଅନ୍‌ଲାଇନ୍ ଶିକ୍ଷାଦାନକୁ ଗ୍ରହଣ କରି କେତେ ସଫଳ ହେବେ ତାହା ସହଜରେ ଅନୁମେୟ । ୫) ଅଭିଭାବକ ମାନେ ଅନ୍ୟାନ ବାହାର କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସାଙ୍ଗରେ ମୋବାଇଲ ନେଇଯାଉଥିବାରୁ, ପିଲାମାନେ ସେ ସମୟତକ ମୋବାଇଲ ବ୍ୟବହାରରୁ ବଂଚିତ ହୋଇଥାନ୍ତି । ଆମ ରାଜ୍ୟରେ ଏଯାବତ୍ ଶିକ୍ଷାର୍ଥୀ ମାନଙ୍କ ବ୍ୟବହାର ପାଇଁ ସ୍ୱତନ୍ତ୍ର ସେଟ୍ ପ୍ରାୟ ପ୍ରଦାନ କରାଯାଇ ନାହିଁ । ୬) ଅଭିଭାବକ ମାନଙ୍କ ଅନୁପସ୍ଥିତିରେ କୋମଳମତି ପିଲାମାନଙ୍କର ମୋବାଇଲ ବ୍ୟବହାର ,ସେମାନଙ୍କୁ ମୋବାଇଲ ବ୍ୟବହାରର ନକରାତ୍ମକ ଦିଗକୁ ଯେ ଆକର୍ଷିତ ନକରିବ ଏହାର କୌଣସି ସ୍ଥିରତା ନାହିଁ । ୭)ଟେଲିଭିଜନ ମାଧ୍ୟମରେ ଶିକ୍ଷାଦାନ ପଦ୍ଧତି ଏକତରଫା, ଏଥିରେ ଶିକ୍ଷକ ଛାତ୍ର ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ନଥିବାରୁ, ଛାତ୍ରଛାତ୍ରୀ ମାନଙ୍କର ସନ୍ଦେହ ମୋଚନର ଅବକାଶ ନଥାଏ ।୮) ହ୍ୱାଟସ ଆପ ଗ୍ରୁପ୍ ମାଧ୍ୟମରେ ଯେଉଁ ଅଡିଓ ଭିଜୁଆଲ ଶିକ୍ଷା ପ୍ରଦାନ କରାଯାଉଛି,ତାହା ଅନେକାଂଶରେ ଫଳପ୍ରଦ ହେଲେ ମଧ୍ୟ,ଦିଆଯାଉଥିବା ହୋମ ଟ୍ୟାସ୍କ ଛାତ୍ରଛାତ୍ରୀ ମାନେ ସଠିକ୍ ଭାବରେ ପ୍ରଦାନ କରୁ ନାହାନ୍ତି । ଯେଉଁ କେତେଜଣ ଦେଉଛନ୍ତି,ତାହାକୁ ମଧ୍ୟ ହ୍ୱାଟସ ଆପ ମାଧ୍ୟମରେ ତ୍ରୁଟି ସଂଶୋଧନ କରିବା ,ଏକ କଷ୍ଟକର କାର୍ଯ୍ୟପରି ପ୍ରତୀୟମାନ ହେଉଅଛି । ୯)ସହରାଚଂଳର ଛାତ୍ରଛାତ୍ରୀ ମାନେ,ଘରୋଇ ଟ୍ୟୁସନ କିମ୍ବା କୋଚିଙ୍ଗ ସେଂଟରରେ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହୀ ଥିବା ସତ୍ତ୍ୱେ ,ସରକାରଙ୍କର କଠୋର କୋଭିଡ କଟକଣା ନିମନ୍ତେ ଏହା ମଧ୍ୟ ସମ୍ଭବ ହୋଇ ପାରୁନାହିଁ ।ପ୍ରଥମ ଲହର ଟିକିଏ ପ୍ରଶମିତ ହେବା ପରେ ଉଚ୍ଚ ଶ୍ରେଣୀର ପିଲା ମାନଙ୍କ ଶ୍ରେଣୀଗୃହ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା । କିନ୍ତୁ ଭୟଙ୍କର ଦ୍ୱିତୀୟ ଲହରର ବ୍ୟାପକତାକୁ ଲକ୍ଷକରି ତାହା ବନ୍ଦ କରି ପରୀକ୍ଷାକୁ ବାତିଲ କରିଦିଆଗଲା ।

ତେଣୁ ଏହିସବୁ ପଦ୍ଧତିର ଶିକ୍ଷାଦାନ,ଛାତ୍ରଛାତ୍ରୀ ମାନଙ୍କର ପଠନ ଅଭ୍ୟାସ ଜାରି ରଖିବା ନିମନ୍ତେ ଏକ କ୍ଷୁଦ୍ର ପ୍ରୟାସ ମାତ୍ର ,କିନ୍ତୁ ତାହା ସ୍ୱୟଂ ସମ୍ପୂର୍ଣ ନୁହେଁ । ଶ୍ରେଣୀ ଗୃହରେ ପ୍ରତ୍ୟକ୍ଷ ଆଲୋଚନା ତଥା ପ୍ରଶ୍ନୋତର ମାଧ୍ୟମ ଶିକ୍ଷାଦାନର ବିକଳ୍ପ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । କରୋନା ମହାମାରୀର ଭୟାବହ ସଂକ୍ରମଣକୁ ଦୃଷ୍ଟିରେ ରଖି, ଶିକ୍ଷାଦାନ ନିମନ୍ତେ ସରକାରଙ୍କର ବିଭିନ୍ନ ପ୍ରକାର ପରୀକ୍ଷା ମୂଳକ ପଦ୍ଧତି ପ୍ରୟୋଗର ଆନ୍ତରିକତା ନିଶ୍ଚିତ ପ୍ରଶଂସାଯୋଗ୍ୟ । କିନ୍ତୁ କୌଣସି ପଦ୍ଧତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଫଳପ୍ରଦ ହୋଇପାରୁନାହିଁ । ପ୍ରଚଳିତ ନିୟମ ଅନୁଯାୟୀ ,ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଫେଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇ, ଛାତ୍ରଛାତ୍ରୀ ମାନଙ୍କ ମନରୁ ଶିକ୍ଷାପ୍ରତି ଭୟ ଓ ସଂଭ୍ରମତା ଦୁର ହୋଇଯାଇଛି । ପ୍ରାଥମିକ ସ୍ତରରୁ ଶିକ୍ଷାପ୍ରତି ଅନାଗ୍ରହତା,ଉଚ୍ଚଶିକ୍ଷା ସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି । ଏବେ ପ୍ରତ୍ୟେକ ସରକାରୀ ଚାକିରୀ ବା ଉଚ୍ଚଶିକ୍ଷା ନିମନ୍ତେ ପ୍ରବେଶିକା ପରୀକ୍ଷାର ବ୍ୟବସ୍ଥା ଅନୁସୃତ ହେଉଅଛି । ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ସ୍ତରରେ ଯଦି ଜଣେ ଅସାଧୁ ଉପାୟ ଅବଲମ୍ବନ କରି ଅଧିକ ନମ୍ବର ରଖିଥାଏ,ତେବେ ପ୍ରବେଶିକା ପରୀକ୍ଷାରେ ସେ ଅକୃତକାର୍ଯ୍ୟ ହେବାର ବହୁତ ନଜିର ରହିଛି । ତେଣୁ ସରକାର ପରୀକ୍ଷା ପଦ୍ଧତିକୁ ସଂପୂର୍ଣ ଉଠାଇଦେଇ, ଶିକ୍ଷା ସମାପ୍ତିର (ଉକ୍ଟଙ୍କକ୍ସଙ୍ଗର ମକ୍ଟଙ୍ଖକ୍ରକ୍ଷରଙ୍ଗସକ୍ଟଭ)ପ୍ରମାଣ ପତ୍ର ପ୍ରଦାନ କରାଇଲେ, ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଅନେକାଂଶରେ କମି ଯାଇ ପାରନ୍ତା । ଶିକ୍ଷା ସମାପ୍ତିର ପ୍ରମାଣପତ୍ର ବଳରେ ଜଣେ ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇପାରନ୍ତା ।ଆଜି ଯେପରି,ଅନ୍ ଲାଇନ୍ ରେ ଶିକ୍ଷାଦାନ କରି,ସ୍ୱଳ୍ପ ଶିକ୍ଷାଦାନ କରି,ବିନା ପରୀକ୍ଷାରେ ସମସ୍ତଙ୍କୁ ପାଶ୍ କରାଯିବାର ବ୍ୟବସ୍ଥା କରାଗଲା,ସେହିପରି କରୋନାର ପ୍ରଭାବ ହ୍ରାସ ହେଲା ପରେ ମଧ୍ୟ,ସଠିକ୍ ଶିକ୍ଷା ପ୍ରଦାନ କରି,ପରୀକ୍ଷା ନକରି,ଶିକ୍ଷା ବର୍ଷ ଶେଷରେ ଶିକ୍ଷା ସମାପ୍ତିର (ଉକ୍ଟଙ୍କକ୍ସଙ୍ଗର ମକ୍ଟଙ୍ଖକ୍ରକ୍ଷରଙ୍ଗସକ୍ଟଭ)ପ୍ରମାଣ ପତ୍ର ପ୍ରଦାନ କରାଇଲେ,ବିଶେଷ କିଛି ଅସୁବିଧା ହୁଅନ୍ତା ନାହିଁ ।ଅସାଧୁ ଉପାୟ ଅବଲମ୍ବନ କରି,ଲାଂଚ ଦେଇ,ଯେନତେନ ପ୍ରକାରେ ପରୀକ୍ଷାରେ ପାଶ୍ କରିବା ପ୍ରତିଯୋଗିତା କମିଯାନ୍ତା ତଥା ପରୀକ୍ଷା ବାବଦରେ ହେଉଥିବା ଅର୍ଥ ବ୍ୟୟ ମଧ୍ୟ ହୁଅନ୍ତା ନାହିଁ ।ଛାତ୍ର ଛାତ୍ରୀ ମାନେ ମଧ୍ୟ ପରୀକ୍ଷା ଦୁଶ୍ଚିନ୍ତାରୁ ମୁକ୍ତି ପାଇ ,ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଜୀବନର ଲକ୍ଷ ସ୍ଥିର ପାଇଁ , ଶିକ୍ଷା ଲାଭ ନିମନ୍ତେ ଅଧିକ ମନଯୋଗୀ ହୋଇପାରନ୍ତେ ।

*ଈଶାଣୀବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ଏକ ଦୁଃଖଦ ମୁହୂର୍ତ୍ତରୁ ମୁଁ ନୁହେଁ, ଆମ୍ଭେ ! ଏହି ବିଚାର କେବେ ?

ପଙ୍କଜ କୁମାର ପାଣିଗ୍ରାହୀ

ଏକବିଂଶ ଶତାବ୍ଦୀର ମଣିଷ ପ୍ରଗତିର ଚରମ ଶୀର୍ଷରେ ପହଂଚିବା ପରେ ବର୍ତ୍ତମାନ କେବଳ କିଏ ବଡ଼ ହୋଇପାରିବ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ପ୍ରତିଦ୍ୱନ୍ଦିତା ମଧ୍ୟରେ ସମସ୍ତେ ନିଜକୁ ଅସ୍ଥିରତା ପ୍ରବଣ କରି ଅହରହ ଅଶାନ୍ତିର ବାତାବରଣ ମଧ୍ୟରେ ବଞ୍ଚୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦିଗରେ ବୈଜ୍ଞାନିକ ପ୍ରଗତି ହେତୁ ମଣିଷ ଏକ ରକମ ଅତିମାନବ ରୂପରେ ସଜାଇ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ପ୍ରକାଶ କରୁଥିବା, ଗୋଟିଏ ସାମାଜିକ ପ୍ରଥାରେ ପରିଣତ ହୋଇଗଲାଣି । କହିବାକୁ ଗଲେ ବିଭିନ୍ନ ଦିଗରେ ଭିନ୍ନ ଭିନ୍ନ ମଣିଷ ନିଜର ପ୍ରତିଭା ପ୍ରଦର୍ଶନ କରିବା ଦୌଡରେ ଏତେ ନିମଜ୍ଜିତ ଯେ କାହାର କାହାପ୍ରତି ଆନ୍ତରିକ ଭାବ ରହୁନାହିଁ । ମୁଁ ମଧ୍ୟରେ ସୀମିତ ସମସ୍ତଙ୍କ ଭାବଧାରା ଏକ ପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିବାରେ କେବଳ ସାଧାରଣ ମଣିଷଙ୍କ ନିର୍ବୋଧତାହିଁ ଦାୟୀ । ଏହି ପରିପ୍ରେକ୍ଷୀରେ ସମସ୍ତେ କେବଳ ଅନ୍ୟକୁ ଠକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ତଥା ମିଥ୍ୟା ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ ରହୁଥିବା ଗୋଟିଏ ସାଧାରଣ ବିଷୟ ଆଜି ସମୟର । ଯାହା ପାଖରେ ଧନ ନାହିଁ ସେ ଧନ ଉପାର୍ଜନ କରି ବଡ ହେବା ଲକ୍ଷ ରଖିଥିବା ବେଳେ ଯାହା ପାଖରେ ପ୍ରଚୁର ଧନ ଅଛି ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବା ଲକ୍ଷ ରଖିଥା'ନ୍ତି । ଅନୁରୂପ ପଦମର୍ଯ୍ୟାଦା, ସାମାଜିକ ସମ୍ମାନ, କ୍ଷମତା ଇତ୍ୟାଦି କ୍ଷେତ୍ରରେ ମାରାଥନ ଦୌଡ଼ର ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛନ୍ତି ପ୍ରାୟତଃ ସମସ୍ତ ମଣିଷ ନିଜ ନିଜର କ୍ଷମତା ପରିସର ମଧ୍ୟରେ ।

ଜନ୍ମଦାତ୍ରୀ ପ୍ରକୃତି କିନ୍ତୁ ମଣିଷର ଏହି ଅପ୍ରାକୃତିକ ପାଗଳାମୀରେ ତିଳେ ହେଲେ ବିଚଳିତ ନୁହେଁ ! ବରଂ ପ୍ରାକୃତିକ ରହସ୍ୟ ଜନିତ ଯେତେଦିନ ମଣିଷ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରିବା ନିୟାମକ ରହିଥିଲା ସେସବୁ ମଣିଷ ନିଜ ହାତରେ ଉଜାଡ଼ିଦେଇ ସମୟ ପୂର୍ବରୁ ଜୀବଜଗତ ବିଲୀନ କରିଦେବା ପାଇଁ ରଖିଥିବା ମନ୍ଦ ଉଦେଶ୍ୟକୁ ତାସଲ୍ୟ କରିବା ଛଡା ଆଉ କିଛି ଦିଶୁନାହିଁ । ଆଜି ସମୟରେ କୌଣସି ମଣିଷ ନିଜର ଜୀବନ ରହସ୍ୟ ଜାଣିବା ଦୂରର କଥା, କେବଳ ନିଜ ବିଷୟରେ ସମ୍ପୂର୍ଣ୍ଣ ଭାବେ ଜାଣିବା କ୍ଷମତା ରଖିନଥିବା ଅତ୍ୟନ୍ତ ଦୁଖଦଃ ବିଷୟ । ହେଲେ ଏମିତି ହେବା ପଛରେ ରହିଥିବା ରହସ୍ୟ କ'ଣ, ନା କେହି ବୁଝିଛନ୍ତି, ନା ବୁଝିବା କ୍ଷମତା ରଖିଛନ୍ତି ! ବାସ୍ତବିକ ସାମାଜିକ ସଂସ୍କାର ବଦଳରେ ଭ୍ରଷ୍ଟାଚାର, ଦୁର୍ନୀତି, ଈର୍ଷାଭାବ ଏବଂ ବ୍ୟକ୍ତିଗତ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା କାରଣରୁ ଏମିତି ଅମାନବୀୟ ଚରିତ୍ର ଗୁଡିଏ ମଣିଷ ମନରେ ଜାଗ୍ରତ ହେଉଥିବା ନିରାଟ ସତ୍ୟ । ହେଲେ ଏହିଭଳି ଅମାନବୀୟ ଚିନ୍ତନ ମଣିଷ ମନରେ ଜାଗ୍ରତ କରାଇ ସେମାନଙ୍କୁ କ୍ଷୀଣ କରିଦେବା ପଛରେ ରହିଥିବା ରହସ୍ୟ କ'ଣ, ତର୍ଜମା କଲେ ଜାଣିହେବ ଯେ...

କେତେକ ଅମାନବୀୟ ଅସାମାଜିକ ଚିନ୍ତାଶୀଳ ବ୍ୟକ୍ତି ସମାଜରେ କୁସଂସ୍କାର ବିତରଣ କରି ସମାଜକୁ ତଳିତଳାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥା'ନ୍ତି । ସେମାନେ ବିଭିନ୍ନ କୁସଂସ୍କାର ତଥା ଭ୍ରଷ୍ଟାଚାର ଜନିତ ପ୍ରଦୂଷଣ ମଣିଷ ସମାଜରେ ସୃଷ୍ଟି କରି ନିଜର ସ୍ୱାର୍ଥ ହାସଲ କରିବାରେ ଲାଗି ପଡନ୍ତି । ସେମାନଙ୍କ ସେହି ଛଳନାତ୍ମକ ପ୍ରେରଣାରେ ନିମଗ୍ନ ସମସ୍ତ ଶିକ୍ଷିତ, ଅଶିକ୍ଷିତ ବଶବର୍ତ୍ତୀ ହୋଇ ନିଜକୁ ନିର୍ବୋଧତାର ଅନ୍ଧାର ମଧ୍ୟରେ ରଖି ସେମାନଙ୍କ ଦ୍ୱାରା ପ୍ରେରିତ ମିଥ୍ୟା କୁହେଳିକାରେ ନିଜକୁ ହଜାଇ ଦେଇଥା'ନ୍ତି । ତେଣୁ ସାମାଜିକ କୁସଂସ୍କାର, ଭ୍ରଷ୍ଟାଚାର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ସମସ୍ତଙ୍କ ପ୍ରାୟତଃ ଭାବନା ରହିଛି ଯେ ସମାଜରେ କାର୍ଯ୍ୟରତ ରାଜନେତା ଏବଂ ସରକାରୀ କର୍ମଚାରୀଙ୍କ ଯୋଗୁଁ ସାମାଜିକ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ! କିନ୍ତୁ ଏହି ଆକଳନ କିଛି ମାତ୍ରାରେ ସତ୍ୟତା ପ୍ରତିପାଦନ କରୁଥିଲେହେଁ ତାହାର ମୂଳ, ଚେର କେତେଦୂର ଲମ୍ବିଛି ଏବଂ ତାହା କେଉଁଠାରୁ ସୃଷ୍ଟି ହୁଏ ସେସବୁ ଜାଣିବା କ୍ଷମତା ବହିର୍ଭୁତ ବିଷୟ ସାଧାରଣ ଲୋକଙ୍କ ପାଇଁ । ଅର୍ଥାତ ଏହି ଦୁଇ ଗୋଷ୍ଠୀ ବ୍ୟତୀତ କେଉଁ ଲୁକାୟିତ ଶକ୍ତି ଅଦୃଶ୍ୟ ଭାବେ କାର୍ଯ୍ୟ କରୁଛି ସାମାଜିକ, କୁସଂସ୍କାର ଓ ଭ୍ରଷ୍ଟାଚାର ବୃଦ୍ଧି କରିବାରେ, ନିରୀକ୍ଷଣ କରି ବିଶ୍ଳେଷଣ କଲେହିଁ ଜାଣିହେବ ଯାହା କେହି କରନ୍ତି ନାହିଁ । ଅତଏବ ସାଧାରଣ ଲୋକଙ୍କ ଆଖି ଖୋଲି ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା ଆମର ଏହା ଯେ...

ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡିତ ବ୍ୟକ୍ତିବିଶେଷ ପରୋକ୍ଷରେ ସମାଜରେ କୁସଂସ୍କାର ବିତରଣ କରୁଥିବାବେଳେ ବ୍ୟବସାୟୀ ମାନେହିଁ ସାମାଜିକ ଭ୍ରଷ୍ଟାଚାରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିଥା'ନ୍ତି ! ମୁଁ ଜଡିତ ଥିବା ଧର୍ମାନୁଷ୍ଠାନ କିମ୍ବା ବ୍ୟବସାୟୀକ ସଂସ୍ଥା ସେମିତି ନୁହନ୍ତି, ଆଉ କିଏ ହୋଇଥାଇପାରେ ବୋଲି ଭାବିବା ନିରର୍ଥକ ! ସେମାନେ ସମସ୍ତେ ଗୋଟିଏ ବାଟର ବାଟୋଇ । କେତେ ଉପର ଚିକ୍କଣ ଥିଲେ ମଧ୍ୟ ଭିତର ଅଙ୍ଗାର ସୁନିଶ୍ଚିତ, ଯାହା ସାଧାରଣ ଚକ୍ଷୁକୁ ଅଦୃଶ୍ୟ ହୋଇଥାଏ । ସେମାନଙ୍କ ରହସ୍ୟ ବୁଝିବା ଜଟୀଳରୁ ଜଟିଳତର ହୋଇଥାଏ । ଏହି କଥାଟି ସାମାନ୍ୟ ଅପ୍ରୀତିକର ଅନୁଭବ ହେବା ସହିତ ଅବିଶ୍ୱସନୀୟ ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସତ୍ୟ ଯାହା ଗଭୀର ଭାବେ ନିରୀକ୍ଷଣ କରି ଗବେଷଣା କଲେହିଁ ଜାଣିହେବ । ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ ବିଷୟ ଏହା ଯେ ସେମାନେ କେବେ ବୁଝିପାରିବେ ନାହିଁ ସେସବୁ ହୁଏ କେମିତି । କିନ୍ତୁ ତାହାହିଁ ବାସ୍ତବ ସତ୍ୟ ! ଆଭ୍ୟନ୍ତରୀଣ ବ୍ୟାପାରୀ ଠାରୁ ଆରମ୍ଭ କରି ଆନ୍ତର୍ଦେଶୀୟ ବ୍ୟପାରୀଙ୍କ ଆଶାତୀତ ଲମ୍ବା ଷଡଯାନ୍ତ୍ରିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଜ୍ଞାନ, ଭାବ ବହିର୍ଭୁତ ବିଷୟକୁ ନେଇ ରଚିତ, ଗଠିତ ଏହି ସାମାଜିକ ଭ୍ରଷ୍ଟାଚାରକୁ ଏତେ ସହଜରେ ବୁଝିହେବନହିଁ ! ସେମାନଙ୍କ କପଟ ପସାର କଳା କାର୍ନାମା ଠାରୁ ନିଜକୁ ଦୁରେଇ ରଖିବା ଅତ୍ୟନ୍ତ କଷ୍ଟକର ବିଷୟ ହୋଇପଡିଛି ଆଜି ସମୟରେ । ତଥାପି ଆମକୁ କରିବାକୁ ହେବ । କିନ୍ତୁ ଏହା ପଛରେ ରହିଥିବା ଷଡଯନ୍ତ୍ରକୁ ସାଧାରଣ ମଣିଷ ବୁଝିବା ଦୂରର କଥା, ଯେଉଁ ରାଜନେତା ତଥା ଶିକ୍ଷିତ ସରକାରୀ କର୍ମଚାରୀ ମାନେ ସେମାନଙ୍କ ସହିତ ହାତ ମିଶାଇ ବଳି ପଡ଼ିଥା'ନ୍ତି ସେମାନେ ମଧ୍ୟ ସେମାନଙ୍କ କଳା କାରୁକାର୍ଯ୍ୟକୁ ବୁଝି ପାରୁନାହାନ୍ତି ! ତେଣୁ ଏହି ମାନଙ୍କ କାନ୍ଧରେ ବନ୍ଧୁକ ରଖି ସାଧାରଣ ଲୋକଙ୍କୁ ଶିକାର କରିଚାଲିଥିବା ସେହି ଧର୍ମାନୁଷ୍ଠାନିକ ଏବଂ ବ୍ୟବସାୟୀକ ଶିକାରୀ ଗୋଷ୍ଠୀଙ୍କୁ ଚିହ୍ନିବା ଏତେ ସହଜ ନୁହେଁ ଯାହା ସାଧାରଣ ଲୋକେ କରିପାରନ୍ତି ନାହିଁ !

ଅତଏବ ସାଧାରଣ ଲୋକଙ୍କୁ ସତ୍ୟର ଉନ୍ମୋଚନ କରି ବାସ୍ତବକୁ ଆପଣେଇବାକୁ ହେଲେ ଉପସ୍ଥିତ କୁହେଳିକାର କୁହୁଡ଼ିରୁ ବାହାରକୁ ଆସି ବିଚାରଶୀଳ ଭାବେ ତର୍ଜମା କରିବାକୁ ହେବ ସତ୍ୟ, ଅସତ୍ୟକୁ ! କେବଳ ଲେଖା ଏବଂ ବିକା ମଧ୍ୟରେ ସନ୍ନିବେଶିତ ସଭ୍ୟ ମଣିଷ ସମାଜ ଯେଉଁଠି ଏହି ଦୁଇଟି ବିଷୟ ପ୍ରତି କାହାର ନଜର ନାହିଁ କିମ୍ବା କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ ! ଯିଏ ଯାହା ଲେଖିଲା, ଯିଏ ଯାହା ବିକିଲା, ସବୁଥିରେ ବିଶ୍ୱାସ ଆମର, ଆମକୁ ସଂସ୍କାର ପରିବର୍ତ୍ତେ ତଳିତଳାନ୍ତ କରୁଥିବା ସାଙ୍ଘାତିକ ସାମାଜିକ ଅଭାବନିୟତାକୁ ସାଧାରଣ ମଣିଷ କାହିଁକି ଆଛା ଆଛା ଶୀର୍ଷକ ଶିକ୍ଷିତ ମଧ୍ୟ ବୁଝିବା କଷ୍ଟକର ବ୍ୟାପାର ! ତେଣୁ ସଭ୍ୟ ସମାଜ ଯେ ବ୍ୟାପକ ଅସଭ୍ୟତାର ପରିଚୟ ଦେବାରେ କୁଣ୍ଠାବୋଧ କରୁନାହିଁ ତାହା ବୁଝିବା କାଠିକର ପାଠ । ଏହି ଗଭୀରତମ ବିଷୟକୁ ଏହିଭଳି ସଂକ୍ଷିପ୍ତ ପର୍ଯ୍ୟାୟରେ ବିଶ୍ଳେଷଣ କରି ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ ! ଏହାର ବାସ୍ତବତା ଉପରେ କର୍ମଶାଳା କରାଯାଇ ସଚେତନତା ସୃଷ୍ଟି କରାଯାଇପାରେ । କିନ୍ତୁ କାହାରି ଆଗ୍ରହ ସୃଷ୍ଟି ହେବା ଅନ୍ଦାଜ ହେଉନାହିଁ, କାରଣ ସମସ୍ତେ ବୁଝିଛନ୍ତି ଆଜିସମୟର ପରିସ୍ଥିତି । ତଥାପି ଆମ କର୍ତ୍ତବ୍ୟରୁ ପଶ୍ଚାତ୍‌ପଦ ନହୋଇ ଜାରିରହିଛି ଆମ ସଂଗ୍ରାମ ଯାହା ଶେଷ ପର୍ଯ୍ୟନ୍ତ ନିର୍ଦ୍ୱନ୍ଦରେ ଚାଲିବ । ଯାହା ହେବ ନହେବ ସମୟ କହିବ । ଲେଖା ଏବଂ ବିକା ମଧ୍ୟରେ ସୀମିତ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ନବୁଝି କେବଳ ସ୍ୱାର୍ଥାନ୍ଧ ହୋଇ ସମସ୍ତେ ଅଗ୍ରଗତି କଲେ ଯେ ମଣିଷ ସମାଜ ସମୟ ପୂର୍ବରୁ ସଂକୁଚିତ ହୋଇ ସମଗ୍ର ପୃଥିବୀ ସମୟ ପୂର୍ବରୁ ଜନଶୂନ୍ୟ ହୋଇଯିବାରେ କେବଳ ଆମେହିଁ ଦାୟୀ ରହିବା ଛଡା କାହାରିକୁ ଦୋଷାରୋପ କରିପାରିବା ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଭାବ ବ୍ୟକ୍ତ କରିବେ ବୋଲି ଆଶା !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ । ଏ ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା । ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ- ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ । ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି । ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସଭା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୂର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେ ମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସଭା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡା ଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି । ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର




# ବେଳ ଭଲ ନାହିଁ

ନଟ ବି କ'ଣ ଜିଲ୍ଲା ପରିଷଦ ପ୍ରେସିଡେଣ୍ଟ ପାଇଁ ଆଶାୟୀ ଥିଲା ନା କ'ଣ?

ଆଶାୟୀ କ'ଣ ମ, ହୋଇ ତ ଯାଇଥିଲା ଜାଣ। ପାୱାରରେ ଥିବା ପାର୍ଟିର କ୍ୟାଣ୍ଡିଡେଟ୍ ଥିଲା। ପାର୍ଟି ବି ପାଣି ପରି ବୁହାଇଥିଲା ଟଙ୍କା, ହେଲେ ଅସଲ ବେଳକୁ ତା' ପାର୍ଟିରୁ ଜଣେ ଧୋକ୍‌କା ଦେଇଦେଲା। ଧୋକ୍‌କା କ'ଣ ମ, ଶୁଣୁଛି ସେ ଯେତେ ମାଗିଲା, ଇଏ କୁଆଡେ ଦେବାକୁ ସକ୍ଷମ ହେଲାନି, ବିପକ୍ଷ ଦଳ କିଣି ନେଲେ ତାକୁ।

ହଉ ଛାଡ ନିତ୍ୟାନନ୍ଦ, ବେଳ ଆସି ଢ଼େର ହେଲାଣି। ମୁଁ ଯାଏ ଘରକୁ।

ସୁଦର୍ଶନ ବାବୁ ଘରକୁ ଫେରିବା ବେଳେ କେବଳ ଭାବୁଥିଲେ- ଏଇ ଯେଉଁ ପରିବର୍ତ୍ତନ ଆସୁଛି ଏହାର ଗତି କେଉଁଆଡେ?

- ତିନି-

ତିନିଦିନ ହେଲାରି ଦେଖା ନଥିଲା ବିଚିତ୍ରର। ଗୋଲେଖ ବ୍ୟସ୍ତ ହୋଇ ପଚାରିଲେ ଦଶରଥକୁ- ଆରେ କୁଆଡେ ଯାଇଛି କି ବିଚିତ୍ର?

କୁଆଡେ ଆଉ ଯିବ - ଝିଅ ଘରକୁ ଯାଇଛି ବୁଲିବା ପାଇଁ।

ଓଃ- ଝିଅ ଘରେ ଯାଇ ମଜା ମାରୁଛି, ଆମେ ତାକୁ ଏଠି ଖୋଜିଲେ ପାଇବା କେଉଁଠି।

କଥା ସରିଛି କି ନାହିଁ ଛକ ମୋଡାଣିରୁ ବିଚିତ୍ରକୁ ଦେଖି ପକାଇ ଦଶରଥ କହିଲେ- ହଜିଲା ବଳଦ ଖୋଜିବା ଠେଇଁ, ହେଉ ତମ ବିଚିତ୍ର ଆସି ଗଲାଣି ଗୋଲେଖ ଭାଇ।

ବିଚିତ୍ର ପହଞ୍ଚୁ ପହଞ୍ଚୁ ଗୋଲେଖ ତାକୁ କହିଲେ- ତୁ ସମୁଦୀ ଘରେ ଭୁରି ଭୋଜନ ପକାଇବା ପାଇଁ ଛୁ' ମାରିଛୁ, ଆଉ ଆମେ ତୋତେ ଏଠି ଖୋଜି ହଉଛୁ?

ବିଚିତ୍ର କିଛି ନ କହି କେବଳ ଗୁମ୍ ହୋଇ ବସିଗଲା ମଣ୍ଡପ ଉପରେ।

ଆରେ ତୋ'ର କ'ଣ ହୋଇଛି କି? ତୁ ଏମିତି ଗୁମ୍ ମାରି ବସିଗଲୁ ଯେ?

ଆଉ ତୋ' ଝିଅ ଖବର ସବୁ ଭଲ ତ?

କ'ଣ ଆଉ ଭଲ କହିବି, ତା' ସଂସାର ତ ଭାସିଗଲା।

ମାନେ! ତୋ' ଜ୍ୱାଇଁର କ'ଣ ହୋଇଛି କି?

ନା-ନା, ଜ୍ୱାଇଁର ନୁହଁ, ଜ୍ୱାଇଁର ସାନଭାଇ।

କ'ଣ ହୋଇଛି?

ତା'ର ମର୍ଡର ହୋଇଗଲା, ସେ ଖବର ପାଇ ଯାଇଥିଲି।

ମର୍ଡର ହୋଇଗଲା। କେଉଁଠି! କେମିତି?

କ'ଣ ଆଉ କହିବି ସେ କଥା, କହିଲା ବେଳକୁ ଛାତି ଫାଟି ଯାଉଛି।

ଇଏ କ'ଣ ଦାଦାଗିରି ଫାଦାଗିରି କରୁଥିଲା କି?

ନାଇଁମ, ସିଏ ପାଠୁଆ ପିଲାଟେ ଥିଲା। ଭଲ ଚାକିରି ଖଣ୍ଡେ କରିଥିଲା, ଦରମାଠାରୁ ଉପୁରୀ ବେଶ୍ କମାଉଥିଲା, କିନ୍ତୁ ଦଇବ ସହିଲା ନାହିଁ।

ଚାକିରି କରିଥିଲା.... ମର୍ଡର ହୋଇଗଲା? ଆରେ ତାକୁ ମାଇଲା କିଏ?

ସେ କଥା କ'ଣ ଏଯାଏଁ ଜଣା ପଡିଲାଣି। ସିଏ ତ ତା' ଚାକିରି ଜାଗାରେ ଥିଲା। ତାଙ୍କ ଚାକିରୀରେ ତ ଗଛଲଗା, ମାଟିକାମ ଇତ୍ୟାଦି। ବହୁତ ଲେବର ରଖି କାମ କରାଏ, ସେହି ଲେବର ପେମେଣ୍ଟ ପାଇଁ ବ୍ୟାଙ୍କରୁ ଟଙ୍କା ଉଠାଇ ଯାଉଥିଲା ତା' କ୍ୟାମ୍ପ ଅଫିସ୍‌କୁ। ତା' ଯିବା ବାଟଟା ଥିଲା ଘାଟି ରାସ୍ତା ଓ ନିଛାଟିଆ। ସେହି ନିଛାଟିଆ ଘାଟିରେ ତାକୁ ମର୍ଡର କରି ଟଙ୍କା ଓ ମଟର ସାଇକେଲ ନେଇ ସେମାନେ ପଳାଇଲେ।

ଓଃ- କି ଯୁଗ ହେଲା, ଆରେ ଏ ପିଲାଟା କ'ଣ ଭାରି ସାହାସୀ ଥିଲା କି?

ସେମାନେ ଯଦି ୟାକୁ ଅଟକାଇ ଧମ୍‌କା ଚମ୍‌କା କଲେ ସେ ଟଙ୍କା ନ ଦେଇ ଏ ଜୀବନ ଦେବା ପର୍ଯ୍ୟନ୍ତ କଥା କାହିଁକି ନେଲା।

ସେମାନେ କ'ଣ ସେ ସୁଯୋଗ ତାକୁ ଦେଲେ। ସେମାନେ ତ ଘାଟି ମୋଡାଣିରେ ଛପି କରି ବସିଥିଲେ। ଇଏ ତ ଘାଟି ଉଠିବା ବେଳେ ତା' ପଛରୁ ପିଟିଲେ, ପିଟି ପିଟି ମାରିଦେଲେ। ବାଟ ଓଗାଳି ଧମ୍‌କା ଚମ୍‌କା କରିଥିଲେ ସିନା ଏଇ ଦେଲା ନ ଦେଲା କଥଶ ଉଠି ଥାଆନ୍ତା।

ଶଳେ ଚାଣ୍ଡାଳଗୁଡା- ତମର ଟଙ୍କା ଦରକାର, ଟଙ୍କା ନେଇ ଥାଆନ୍ତ, ତା ଜୀବନଟାକୁ ନେଲେ କାହିଁକି?

ଯେଉଁମାନେ ମର୍ଡର କରୁଛନ୍ତି ସେମାନେ ତ ଚଣ୍ଡାଳ ନିଶ୍ଚୟ; ହେଲେ ଆମର ଏ ଭଦ୍ର ସମାଜ ବି ସେମାନଙ୍କଠୁଁ ଅଧିକ ଚଣ୍ଡାଳ ହୋଇଗଲା।

ତୁ କ'ଣ କହିବାକୁ ଚାହୁଁଛୁ, ତୋ କଥା କିଛି ବୁଝା ପଡିଲାନି ତ?

ତାକୁ ପିଟାପିଟି କରିବା ପରେ ଏଇ ମରିଗଲା ବୋଲି ଭାବି ସେ ଚଣ୍ଡାଳଗୁଡା ତାକୁ ରାସ୍ତା କଡଠାରୁ କିଛି ଦୂରରେ ପକାଇ ଦେଇ ଚାଲିଗଲେ। ରାତିଭରି ପଡି ରହିବା ପରେ ପାହାନ୍ତିଆ ବେଳକୁ ତା'ର ଚେତା ଆସିଛି।

(କ୍ରମଶଃ)

# ଆହା..ବିଚରା ମଣିଷ

ମୂଳହିନ୍ଦୀ - ରମେଶ କୁମାର ରାହୀ

ଅନୁସୃଜନ- ବିନୟ କୁମାର ଦାସ





ରାଜରାସ୍ତାରେ ଦୁଇଟି କୁକୁର କାମୁଡାକାମୁଡି ଲାଗିଥିଲେ ।ଏଇଟାକୁ ଲଢେଇ ବି କୁହାଯାଇପାରେ । ତେବେ ପାଖ ଦୋକାନୀକୁ ଏହା ଭଲ ଲାଗିଲା ନାହିଁ । ସେମାନଙ୍କୁ ସେଠାରୁ ତଡିବା ପାଇଁ ସେ ବହୁତ ଚେଷ୍ଟା କଲା । କିନ୍ତୁ ସେମାନେ ଜମା ଶୁଣିଲେ ନାହିଁ । ବରଂ ଆହୁରି ଜୋର ରେ ସେମାନେ ଲଢେଇ କଲେ , ଚିତ୍କାର ବି କଲେ । ଏତେ ଜୋରରେ ଭୁକିଲେ ଯେ ସେ ବିରକ୍ତ ହୋଇଗଲା । ବାଧ୍ୟ ହୋଇ ଗୋଟେ ଛୋଟ ପଥରଖଣ୍ଡ ଉଠାଇ ସେମାନଙ୍କୁ ଲକ୍ଷ୍ୟ କରି ଫୋପାଡି ଦେଲା । କିନ୍ତୁ ପଥରଟି ସେମାନଙ୍କ ଦେହରେ ବାଜିଲା ନାହିଁ, କାରଣ ତା ପୂର୍ବରୁ ସେମାନେ ସେଠୁ ଖସି ଯାଇଥିଲେ । ପଥରଟି ଯାଇ ବାଜିଲା ସାମ୍ନା ଦୋକାନୀର କାଚ ଶୋ କେଶ୍ ରେ । ଫଳରେ ତାହା ଭାଙ୍ଗି ଚୁରମାର ହୋଇଗଲା । ଏପରି ଅଯଥା ଆଉ ଆକସ୍ମିକ କ୍ଷତିରେ ସେହି

ଦୋକାନୀଟି ଖୁବ୍ ରାଗିଗଲା । ପ୍ରଥମ ଦୋକାନୀକୁ ବେଶ୍ ଦିପଦ କଡାକଥା ଶୁଣାଇ ଦେଲା । ପ୍ରଥମ ଦୋକାନୀ ବୁଝାଇବାକୁ ଲାଗିଲା ଯେ ସେ ପ୍ରକୃତରେ ଜାଣିଶୁଣି ଏମିତି କରିନାହିଁ । କୁକୁରମାନଙ୍କୁ ଘଉଡାଇବା ପାଇଁ ସେ ପଥର ଫିଙ୍ଗିଥିଲା । ଦ୍ୱିତୀୟ ଦୋକାନୀ କିଛି ଶୁଣିଲା ନାହିଁ । ନିଜର କ୍ଷତି ପୂରଣ ବାବଦକୁ ସେ ଦାବୀ କଲା କିଛି ଅର୍ଥ । ପ୍ରଥମ ଦୋକାନୀ ଏଥିରେ ରାଜି ହେଲାନାହିଁ ।

ତହୁଁ କଥା ବଢିଲା । ପରସ୍ପର କୁ ଦୁହେଁ କଡା କଥାରେ ଗାଳିଗୁଲଜ କରିବାକୁ ଲାଗିଲେ । ବାଧିଲା ଭଳି କଥା କହିବାରୁ ହାତାହାତି ହେଲେ । ହାତ ରୁ ଠେଙ୍ଗାବାଡି ପର୍ଯ୍ୟନ୍ତ କଥା ଚାଲିଗଲା । ଏମିତି କି ଜଣକର ମୁଣ୍ଡ ବି ଫାଟିଗଲା । ବାସ୍, କଥା ଚାଲିଗଲା ଥାନା ଯାଏ । କିଛି ସମୟ ପରେ ପୋଲିସ ଗାଡି ସେଠି ପହଂଚିଗଲା । ସବୁକଥା ଶୁଣି ସାରିବା ପରେ ଦୁହିଙ୍କୁ ପୋଲିସ ଭ୍ୟାନ୍ ରେ ବସାଇ ଥାନାକୁ ନେଇଗଲେ ପୋଲିସବାଲା। ଦୁହେଁ ପୋଲିସ ଭ୍ୟାନରେ ପାଖାପାଖି ବସିଲେ।

ଗାଡି ଚାଲିଲା। ସେମାନେ ରାସ୍ତାକୁ ଅନାଇଲେ । ଦେଖିଲେ ଲଢୁଥିବା ସେହି କୁକୁର ଦୁଇଟା ଗୋଟିଏ ଜାଗାରେ ଆରାମରେ ଶୋଇ ରହି ଏମାନଙ୍କୁ ଲକ୍ଷ୍ୟ କରୁଥାନ୍ତି । ଜଣା ଯାଉଥାଏ , ସତେ ଯେମିତି ଏମାନଙ୍କ ଲଢେଇ ଆଉ ତାର ପରିଣତିକୁ ସେମାନେ ମନଭରି ଉପଭୋଗ କରିଚାଲିଛନ୍ତି ଆଉ ମନଭରି ହସୁଛନ୍ତି ବି । ଏମାନେ ଅନୁଭବି ପାରୁଥିଲେ, ପ୍ରଥମ କୁକରଟି ଦ୍ୱିତୀୟ କୁକୁରକୁ କହୁଥାଏ, ଆରେ..ଆରେ.. ଏମାନେ ତ ସତରେ ଲଢେଇରେ ମାତିଗଲେ । ତହୁଁ ଦ୍ୱିତୀୟ କୁକୁର କହୁଥାଏ, ହଁ, ମୋତେ ତ ଆଶ୍ଚର୍ଯ୍ୟ ଲାଗୁଚି.. ଆରେ ଭାଇ, ଲଢେଇ କରିବା ସିନା ଆମର ଏକ ସଉକ ବା ଅଭ୍ୟାସ..ହେଲେ ଏମାନେ ତ ସତରେ ଲଢେଇ ରେ ମାତିଗଲେ । ମାନେ ଆମ ଠାରୁ ବେଶ୍ ଦି ପାଦ ଆଗେଇଗଲେ । ଆଉ ତାର ଫଳ ତ ତୁ ଦେଖୁଚୁ.. ବିଚରା ମଣିଷ !

*ଅନାମିକା ନୀଡ, ଅଙ୍ଗାରଗଡିଆ,*
*ବାଲେଶ୍ୱର-୭୫୬୦୦୧*
*ମୋ- ୭୯୭୮୮୬୦୩୬୩*

# ବିଶେଷ କବିତା



## ପାପ ତର୍ପଣ

ଡ. ସତ୍ୟନାରାୟଣ ମିଶ୍ର





ଅଜଣା ଆତଙ୍କେ ଜୀବନ କଟଇ
ଭଗବାନ ତୁମେ କେଉଁଠି?
ମାଳା ଜପିବାରେ ମନ ଲାଗୁନାହିଁ
ଢ଼େଉ ଆସେ ପୁଣି ଲେଉଟି
ହେଲେ ତୁମ ଦରହସ ସେମିତି
ଦେଖି ଦେଖୁନାହଁ, ଚାହିଁ ଚାହୁଁନାହଁ-
ଠାକୁର କରିଲା କିଏଟି?
ପବନରେ ନାହିଁ ଅମ୍ଳଜାନ ତ
ପାଣିରେ ନାହିଁ ତ ଜୀବନ
ଯାହାକୁ ଦେଖିଲେ ଭୟ ଲାଗେ ଏବେ
ମୁଖା ପିନ୍ଧା ମୃତ୍ୟୁବାହନ
ତୁମ ହାତେ କିଛି ନାହିଁଟି
ସେଇଥିପାଇଁ ତ ଅମର ମତିଆ
ମଣିଷ ମରୁଛି ଚହଟି।
ଛାଡ ଛାଡ ସେଇ ପୁରୁଣା କାହାଣୀ
ମାଛ, ମିରିଗର ରକ୍ଷତା
ହାତୀ, କୁଜାନାରୀ- ଯାହା ତାରିଥିଲ
ସବୁ ମଣିଷର ଭକ୍ଷଣ
ଭକ୍ଷଣେ, ତ ନାହିଁ ବାରଣ
ଦିବ୍ୟାଙ୍ଗ ଅବା ଶୁଭ୍ରାଙ୍ଗୀ ହେଉ
ସବୁରେ ତ ପାପତର୍ପଣ।
ମାରକ କି ହେବ ତାରକ ବଦଳେ
ତୁମେ ବି ରହସ୍ୟ ବିଗ୍ରହ
ସୁଖ ବଦଳରେ ଦୁଃଖ ଦେଖିବାକୁ
ନିଶ୍ଚୟ କରିଛି ଆଗ୍ରହ
ତଥାପି ଚେତିନି ଶାସନ,
ଜୀବନ ଯାଉଛି, ଜୀବିକା ଯାଉଛି
ଆସୁଛି କିନ୍ତୁ ନିର୍ବାଚନ।

*ଲିଙ୍ଗରାଜ ବିହାର, ପୋଖରୀପୁଟ*
*ଭୁବନେଶ୍ୱର*

## ମିଠା ଦହନର ବାସ୍ନା

ମନୋଜା ନାୟକ





ହୃଦୟର ଗହନ ବନେ
ଯେବେ ଜଳେ ଅଶାନ୍ତ ଅଗ୍ନି
କିଏ ଜାଣିଛି, କାହାକୁ ପୋଡିବ
ଅବା ନିଃଶେଷ କରିବ
କାହା ଅନ୍ତର ଦହନ
ଦହନର କାଳେ କିବା ତାକୁ
ଟୋପାଏ ସ୍ୱଚ୍ଛ ମୁକ୍ତା ଜଳ
ବିଭୂଷିତ କରେ ସେହି
ସମୟର ଦାବାଗ୍ନିକୁ
ସୃଷ୍ଟିର ତ ଆରମ୍ଭ ସେଇଠି
ଯେଉଁଠି ନୂଆ ସମ୍ଭାବନାଟିଏ
ଉଙ୍କିମାରି ହସୁଥାଏ
ତାର ନୂତନ ପଲ୍ଲବିତ
କଅଁଳ ପତ୍ରର ପଟାଳୀକୁ ଦେଖି
ଓଃ, ଚମତ୍କାର ତାର ସର୍ଜନା
ଯେଉଁଠି ଅନ୍ତ ସେଇଠି ହିଁ ଆରମ୍ଭ
କିଏ ବା ନିସ୍ତରିବ କିପରି
ଅଯୋନି-ସମ୍ଭୂତା ତ ନୁହେଁ
ମହାକବି ପୁଣ୍ୟ ସୁଗନ୍ଧରେ
ଅପ୍ରାପ୍ତିରୁ ପ୍ରାପ୍ତି ଏ ତ
ଧରାବନ୍ଧା ନିୟମ କାହାଣୀ
କେତେ ଯେ ଜଳିଯାନ୍ତି
ସେଇ ଅକୁହା ଚରିତ୍ରସବୁ
କିଏ ଜାଣେ କେଉଁଠି ଆରମ୍ଭ
ଆଉ କେଉଁଠି ଅବା ଶେଷ
ଏ ଜୀବନର ଅଧା ଲେଖା
ଆଉ ବେଦନାର
ଅନ୍ତିମ କାହାଣୀ
ନୀଳ ଆକାଶର ବୁକୁତଳେ
ଲୁପ୍ତ ସେଇ ଅପ୍ରତିମ ସହୋଦର
ଡାକେ ତାର ଆବାହନି
ହଜିବାକୁ ନୀଳ ପାରାବାରେ
ବେଳକୁ ବେଳ ତ ପ୍ରଗାଢ଼ ତାର
ନୀଳ ଅବଗାହନ
ହାତ ଠାରି ଡାକେ
ଆ' ହଜିଯିବା ସେଇ ନୀଳ ମୂର୍ଚ୍ଛନାରେ
ଭିଜିବାକୁ ସେଇ ଅମୃତ ବେଳାରେ
ଖିଆଲି ସେ ମୁଗ୍ଧବନ
ବିଭ୍ରାନ୍ତ କରଇ ତନୁ ମନ
କିଏ ଜାଣେ, ହଜିଯିବାରେ
ଥାଏ କି ପ୍ରକାର ଆନନ୍ଦପଣ
ମଧୁଶାଳାର ମଧୁଲଗ୍ନରେ ହଜେନା
ହଜେ ସେଇ ସ୍ନିଗ୍ଧ ପରଶରେ
ଯାହା ଦିଏ ଅମୃତର ସ୍ୱାଦ
ଆଉ ମିଠା ମିଠା ବିଭୋରିତ ବାସ୍ନା
ଖୁବ୍ ଭଲଲାଗେ ତାର ଅକୁହା ଉଚ୍ଛାଟ
ଆଉ ମତୁଆଲା ପଣ
ଏବଂ ଅଙ୍ଗୀକାରବଦ୍ଧ ସେ' କଥା
ପ୍ରେମର ଏକ ନୂଆ ଶିହରଣ
ଭିଜନାହିଁ ସେଇ ରଙ୍ଗରେ
ଖୁବ କନ୍ଦାଏ ତାର ରଙ୍ଗର ମହକ
ଆଉ ଆନମନା କରେ ଜୀବନ
କେବେ ସ୍ୱପ୍ନ ପୁଣି କେବେ ଦହନ
ତୁମ ରଙ୍ଗ ମୋତେ ଭିଜାଇ ଦିଏ
ସେଇ ମହୁଲି ନିଶାରେ
ଯେଉଁଠି ଦିନେ ହଜିଥିଲେ କାହ୍ନା
ରାଧାରାଣୀର ବାହୁଫାଶେ।

*ଅନୁଗୁଳ*
*ଦୂରଭାଷ : ୯୩୩୭୯୫୮୮୩୨*

# କବିତାର କଥା

(ଭାଗ-୧୮)



ଉମାକାନ୍ତ ରାଉତ



## ସ୍ଥାନ-କାଳ-ପାତ୍ର ହିଁ କବିତାର ମଞ୍ଜି

ପୂର୍ବରୁ କୁହାସରିଛି ଯେ ଭାବସତୀତ୍ୱ ରକ୍ଷା କରି କବିକର୍ମ କରୁଥିବା କବିସତ୍ତା ହାତଗଣତା, ଯଦିଓ ଆଜିକାଲି କବିତାର ଉଜାଣି ଯମୁନା ବେଶ୍ ପ୍ରବାହିତ। ପୁଣି ବି କୁହାସରିଛି ବିଶ୍ୱାସଜନିତ ଅନୁଭବ ଓ ଅନୁଭବଜନିତ ବିଶ୍ୱାସର କଥା।

ଉପରୋକ୍ତ କଥାକୁ ସଠିକ୍ ଭାବେ ବୁଝିବାକୁ ହେଲେ ଆମକୁ ଦେଶ, କାଳ, ପାତ୍ରକୁ ବୁଝିବାକୁ ପଡ଼ିବ। ଦେଶ କାଳ ପାତ୍ରର ସମସ୍ୟାକୁ ହୃଦୟଙ୍ଗମ କଲେ ତଦନୁଯାୟୀ ସେଥିସହ ଖାପ ଖାଉଥିବା ସମାଜ ଅଭିମୁଖୀ ଲେଖା (ଏହା ହୋଇପାରେ ଭୂମିଦୃଷ୍ଟି, ମେଦିନୀ ଦୃଷ୍ଟି ଅବା ପରିବ୍ୟାପ୍ତ ଭୂମିଦୃଷ୍ଟି, ଭୂମିରେ ପାଦ ଥାଇ ତତ୍ ସଂଲଗ୍ନ ଭୂମାଦୃଷ୍ଟି ଅବା ସେମିତି ଆଉକିଛି.......) ହିଁ ସ୍ୱତଃ ନିର୍ଗତ ହେବ। ସେଥିରେ ନିଶ୍ଚିତଭାବେ ଦେଶ-କାଳ-ପାତ୍ର ଆଧାରିତ ଅନୁଭବସ୍ପୃଷ୍ଟ ଅନ୍ତର୍ଧ୍ୱନିର ଉଚ୍ଚାରଣ ରହିବ ରହିବ। ସନ୍ଦେହମୁକ୍ତଭାବେ ତାହା କାଳୋତ୍ତୀର୍ଣ୍ଣ ହେବ ହିଁ ହେବ।

ଆସନ୍ତୁ ସଂକ୍ଷେପରେ ବୁଝିବା ଦେଶ କାଳ ପାତ୍ରର ସମସ୍ୟା। ଆପଣାର ପାରିପାର୍ଶ୍ୱ, ପରିବେଶ, ଜନ୍ମଭୂମି ତଥା ନିଜର ମାଟି ହିଁ ନିଜର ଦେଶ। କାଳ କହିଲେ ଅସୀମ ସମୟ ପ୍ରବାହରୁ ଏକ କାଳଖଣ୍ଡ ଯେଉଁ ସମୟଖଣ୍ଡରେ ଆମେ ବଞ୍ଚିଛୁ, ଆତଯାତ ହେଉଛୁ। ଆମେ ଏହାକୁ ସମକାଳ ବୋଲି କହୁ। ଆଉ, ପାତ୍ର କହିଲେ ଆମେ ନିଜେ ଅର୍ଥାତ୍ ସମକାଳରେ ଥିବା ମଣିଷ। ଏସବୁକୁ ଆଧାର ନକଲେ, ସର୍ଜନାକୁ ଏଥିସହ ସଂଲଗ୍ନ ନକଲେ, ଏସବୁକୁ ପ୍ରସଙ୍ଗ ନକଲେ କବିତା ଯୁଗପୋଯୋଗୀ ହୋଇପାରେନା। ଯୁଗପୋଯୋଗୀ ନ ହେଉଥିବା କବିତା ତା'ର ସମକାଳର ବୃକ୍ଷ ଓ ଶାଖାପ୍ରଶାଖା ସହ ଯେତେବେଳେ ଦୃଢଭାବେ ଡେଙ୍ଗାୟିତ ହୋଇ ରହୁନାହିଁ, ତାହା କାଳୋତ୍ତୀର୍ଣ୍ଣ ହେବ କିପରି?

ଉଦାହରଣ ସ୍ୱରୂପ ସାରଳା ଦାସଙ୍କ ମହାଭାରତ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଶ୍ରୀମଦ୍‌ଭାଗବତ୍, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଏବଂ ତାଙ୍କ ସହ ଅନ୍ୟ ପଞ୍ଚ ସଖାଙ୍କର ରଚନା ଆଦିକୁ ନିଆଯାଇପାରେ। ସଂସ୍କୃତ ମହାଭାରତର ପ୍ରାୟ ୧୫୦୦ ବର୍ଷ ପରେ ସାରଳା ଦାସ ଓଡିଆ। ମହାଭାରତ ଲେଖିଥିଲେ ହେଁ ସେ ଦେଶ କାଳ ପାତ୍ରର ଭୂମିକାକୁ ଖୁବ୍ ଭଲ ଭାବରେ ବୁଝିଥିଲେ ଏବଂ ନିଜର ଅଭିଜ୍ଞତା, ଜ୍ଞାନ ଓ ସର୍ଜନଶକ୍ତିକୁ ପୂର୍ବୋକ୍ତ ସଂସ୍କୃତ ମହାଭାରତର ପଟ୍ଟଭୂମିରେ ନୁହେଁ, ବରଂ ତାଙ୍କ ବେଳର ସ୍ଥାନ କାଳ ପାତ୍ରର ଆଧାରରେ ଅର୍ଥପୂର୍ଣ୍ଣ ଢଙ୍ଗରେ ଉପଯୁକ୍ତ ଭାବେ ବ୍ୟବହାର କରିଥିଲେ। ସେଥିପାଇଁ ତାହା ସମୟର ଡାକକୁ ଶୁଣୁଥିବା ଓ ଉତ୍ତର ଫେରାଉଥିବା କାଳଜୟୀ କାବ୍ୟ ଭାବେ ରହିଛି ଓ ରହିଥିବ ମଧ୍ୟ।

ସଂସ୍କୃତ ଭାଷାର ପ୍ରାବଲ୍ୟ ଯୋଗୁ ଯେତେବେଳେ ଓଡ଼ିଆ ଭାଷାର ପ୍ରବାହ ଶୁଖି ଶୁଖି ଯାଉଥିଲା, କିମ୍ବା ଏପରି କୁହାଯାଇପାରେ ଯେ ଯେତେବେଳେ ଓଡ଼ିଆ ଭାଷାକୁ ସଂସ୍କୃତ ଗ୍ରାସ କରିବାକୁ ବସିଥିଲା, ସେଇ ଘଡିସନ୍ଧି କାଳରେ ଆଦିକବି ସାରଳା ଦାସ ଆମର ମହାନ ଭାଷାକୁ ପୁନରୁଦ୍ଧାର କରିବାର ପ୍ରମୁଖ ଭୂମିକା ନିଭାଇଥିଲେ। ଆଜି ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ଏକ ଗୌରବମୟ ଭାଷା ଭାବେ ସର୍ବସ୍ୱୀକୃତ ହେବାର ପ୍ରଥମ ଓ ପ୍ରଧାନ ଶ୍ରେୟ ଶୁଦ୍ରମୁନୀ ସାରଳାଙ୍କର ପ୍ରାପ୍ୟ। ଯଥାର୍ଥରେ ସାରଳା ମହାଭାରତ ଉତ୍କଳୀୟ ସଂସ୍କୃତି ଓ ସଭ୍ୟତାର ଏକ ମହାନ ଜୟଗୀତିକା। ଓଡିଆ ଭାଷା, ଓଡିଆ ଜାତି, ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ସାହିତ୍ୟର ବୁନିଆଦୀ ତିଆରି କରିବାର ସର୍ବାଧିକ ଗୁରୁତ୍ୱ ବହନ କରନ୍ତି ଆମ ସାହିତ୍ୟର ଜନକ, ମାଟିର ଏଇ ମହାକବି। ଯଦି ସେ ଏଥିରେ ସାଧାରଣ କଥିତ ଭାଷାରେ ବୋଧଗମ୍ୟ ଢଙ୍ଗରେ ଓଡ଼ିଆ ଜାତିର ସଂସ୍କୃତି, ଇତିହାସ, ଭୂଗୋଳ, ସାମାଜିକ ତଥା ପାରିପାର୍ଶ୍ୱିକ ଅବସ୍ଥାର ମୌଳିକତା ଭରିନଥାନ୍ତେ, ଆଜି ଏହା ଏକ କ୍ଲାସିକ୍ ଭାବେ ପରିଗଣିତ ହୋଇ ନଥାନ୍ତା କି ପରବର୍ତ୍ତୀ କାଳ ଉପରେ ଏହାର କୌଣସି ପ୍ରଭାବ ପଡିନଥା'ନ୍ତା। ଏହା କେଉଁ କାଳରୁ ମହାସାଗରର ଅତଳ ଗର୍ଭରେ ଲୀନ ହୋଇ ସାରନ୍ତାଣି।

ଆଜିର କବିକୁ ଏକଥା ବୁଝିବାକୁ ପଡ଼ିବ। କେବଳ ସର୍ବଜନ ହିତାୟ, ସର୍ବଜନ ସୁଖାୟ ନୁହେଁ; ସର୍ବଜନ ଗ୍ରହଣୀୟ ଭାଷାରେ ବୋଧଗମ୍ୟ କବିତାର ବର୍ଣ୍ଣାଳୀ ସୃଷ୍ଟି କରିବାକୁ ପଡ଼ିବ। ଯୋଗଜନ୍ମା ସାରଳା ଏବଂ ତାଙ୍କର ଓଡ଼ିଆ ମହାଭାରତକୁ ତନ୍ନ ତନ୍ନ କରି ବୁଝି ସାଙ୍କେତିକତାର ପରିଭାଷା ଓ ଆବଶ୍ୟକୀୟ ଉପଯୁକ୍ତ ପ୍ରୟୋଗର କୌଶଳ ଜ୍ଞାନ ଆହରଣ କରିବାକୁ ପଡିବ। ଗୋଟିଏ ଧାଡ଼ିରେ କହିଲେ ଆପଣାର ମାନ (ଅହଂ, ତୁଚ୍ଛା ଯଶଲାଭର ମୋହ) ପାଇଁ ନୁହେଁ : ଦେଶ କାଳ ପାତ୍ରର ସମସ୍ୟାକୁ ଧ୍ୟାନ ଦେବାକୁ ପଡିବ। ତେବେ ଯାଇ କାଳଜୟୀ କବିତା ଗଢଣର ସମ୍ଭାବନା ସୃଷ୍ଟି ହୋଇପାରିବ। ନୋହିଲେ କବିତା ଏକ ଧୂଆଁବାଣ ଏବଂ କବିଟିଏ ବାଲ୍ମିକୀ ନହୋଇ କେବଳ କ୍ରୌଞ୍ଚ ମୈଥୁନର ଚିତ୍ରକୁ ବୋହି ବୋହି ଦେହସର୍ବସ୍ୱତାର ବାହ୍ୟ ଉତ୍ତେଜନାରେ ନିଜେ ବିଚରା ମିଥୁନମଗ୍ନ କ୍ରୌଞ୍ଚଟିଏ ସାଜିଯାଉଥିବ, ଯେଉଁଠୁ ବିରହାନ୍ତକ ଦୃଶ୍ୟର ସମ୍ବେଦନାର କଳାତ୍ମକ ପରିପ୍ରକାଶ ଓ ତତ୍ ସୃଷ୍ଟ ସାମାଜିକ ଚିତ୍ରର ପରିକଳ୍ପନା ଆଶା କରିବା ଏକ ଦିବାସ୍ୱପ୍ନ!

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ପିଲାଙ୍କ ଦୁନିଆ







**ସାଇ ସ୍ୱରୂପ ପଣ୍ଡା**
ଷ୍ଟାଣ୍ଡାର୍ଡ - ୨
ସେଣ୍ଟ ଜାଭିଅର ସ୍କୁଲ
ମାର୍କୋଣା, ବାଲେଶ୍ୱର






**ରଘୁନାଥପୁର ଥାନା ଅଧିକାରୀଙ୍କ ଦକ୍ଷତା ମୂଲ୍ୟାୟନ ଓ ବଦଳି ପାଇଁ ସାଧାରଣରେ ଦାବି**

# ଥାନାରେ ଏତଲା ଦେଲେ ପିସି ଦିଅ ନଚେତ୍ ଜାଗା ଛାଡ

**ଜଗତ୍‌ସିଂହପୁର :** ପଞ୍ଚମ ଥର ପାଇଁ ଶାସନ ଗାଦିରେ ବସିଲା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ସରକାର ଯୋଜନା ଆରମ୍ଭ କରି ୫ଟିର ଗୁରୁମନ୍ତ୍ର ଦେଇ ଓଡ଼ିଶା ବାସୀଙ୍କ ପାଇଁ ଏକ ପ୍ରକାର ନ୍ୟାୟ ପ୍ରଦାନର ବ୍ୟବସ୍ଥା କରିଥିଲେ। କିନ୍ତୁ କିଛିମାସ ତଳେ ଯୋଗଦେଇଥିବା ଥାନା ଅଧିକାରୀ ଦେବେନ୍ଦ୍ର ମହାପାତ୍ର ଏ ନିତିନିୟମକୁ ଖୁଲମ୍‌ଖୁଲାଭାବେ ଉଲଘଂନ କରି ପିସି ଆଦାୟ କରିବାର ଶିର୍ଷ ସୀମାରେ ପହଞ୍ଚିଲେଣି । ବାରମ୍ବାର ଏତଲା ଦେଲେ ବି ମାମଲା ରୁଜୁ କରାନଯାଇ ଅଭିଯୁକ୍ତମାନଙ୍କ ଠାରୁ ମୋଟା ଅଙ୍କର ପିସି ନେଇ ସେମାନଙ୍କୁ ଖୁଲମ୍‌ଖୁଲା ଭାବେ ରାଜରାସ୍ତାରେ ବୁଲିବାକୁ ପ୍ରଶୟ ଦେଉଥିବାର ଦେଖିବାକୁ ମିଳୁଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳୁଛି ଏହି ବ୍ଲକ୍ ଅନ୍ତର୍ଗତ ସାଦେଇପୁର ଗ୍ରାମର ବିଧବା ମହିଳା ମାଧବୀଲତା ନାୟକଙ୍କ ଆଖି ଲୁହକୁ ଦେଖିବା ପରେ । ଛଳଘରେ ବସବାସ କରୁଥିବା ଏହି ମହିଳାଙ୍କ ଘର ଛାଉଣୀପାଇଁ ତାଙ୍କ ପଡୋଶୀ ବିରକିଶୋର ନାୟକ ଓ ତାଙ୍କ ପୁଅ ଜାଣିଶୁଣି ହଇରାଣ କରିବା ସହିତ ଛାଉଣିଆମାନଙ୍କୁ ଗାଳିମନ୍ଦ କରିବା ଏବଂ ତାଙ୍କ ଘରକୁ ଢ଼େଲା



ପଥର ଫୋପାଡନ୍ତି । ଉକ୍ତ ମହିଳା ଓ ତାଙ୍କ ପୁଅ ଅଜୟ କିଶୋର ଦାସ ଥାନା ଅଧିକାରୀଙ୍କ ନିକଟରେ ଦୀର୍ଘ ଦିନ ଧରି ଅଭିଯୋଗ କରୁଥିଲେ ବି ଆଜି ପର୍ଯ୍ୟନ୍ତ ଏତଲା ରୁଜୁ କରାଯାଉନାହିଁକି ଆସାମୀକୁ ଗିରଫ କରାଯାଉନାହିଁ । ଏତଲାଦେଲା ପରେ ପରେ ଆସାମୀକୁ ଫୋନ୍ ମାଧମରେ ଡାକି ପିସି ଆଦାୟ କରାଯାଇ ଥାନାରେ ୫ଟି ଯୋଜନାର ଖୋଲା ଉଲ୍ଲଘଂନ କରାଯାଉଛି । ଏହି ଥାନା ଅଧିକାରୀ ଜଣଙ୍କ ରଘୁନାଥପୁର ନିକଟରୁ ମାତ୍ର ୧୫କିଲୋମିଟର ଦୂର କଟକ ଗ୍ରାମାଞ୍ଚଳ ଥାନା ଥାନା ଅନ୍ତର୍ଗତ କିଶନନଗର ଥାନା ଅଧିନରେ ସେକେଣ୍ଡ ଅଫିସର ଅଫିସର ଭାବେ କାର୍ଯ୍ୟ କରୁଥିଲେ । ପଦୋନ୍ନତି ପାଇବା ପରେ ରଘୁନାଥପୁର ଥାନାରେ ଯୋଗଦେଇ ତାଙ୍କର ପୁରୁଣା ଅଭ୍ୟାସ ଆରମ୍ଭ କରିଛନ୍ତି । ରଘୁନାଥପୁର ଥାନାରେ ନ୍ୟାୟ ନମିଳିବାରୁ ମା ଓ ପୁଅ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ରଙ୍ଗରାଜଙ୍କୁ ଭେଟି ଗୁହାରି କରିଥିଲେ । ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ପତ୍ରର ସଂଖ୍ୟା ୨୪୫୦୫୫୦୭୨୧୦୦୦୦୪ ଓ ୨୪୫୦୫୦୫୫୦୭୨୧୦୦୦୦୨ । ଏଥିମଧ୍ୟରେ ତିନିମାସ ବିତିଯାଇଥିଲେ ସୁଦ୍ଧା ମାମଲାଟି ଥାନାରେ ରୁଜୁ ହୋଇପାରିନାହିଁ, କେବଳ ଅଭିଯୋଗକାରୀଙ୍କୁ ଥାନାକୁ ଡାକି ବାରଣ୍ଡା ମଧ୍ୟରେ ଘଣ୍ଟା ଘଣ୍ଟା ବସାଇ ଶେଷରେ ଘରକୁ ଫେରିଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଉଥିବାର ଦେଖାଯାଉଛି । ପ୍ରତିବର୍ଷ ଏହି ଛଳଛପର ଘର ଆରମ୍ଭ ହେଲେ ଅଭିଯୁକ୍ତ ଜଣକ କିଛି ଭଡାଟିଆ ଗୁଣ୍ଡାମାନଙ୍କୁ ଡାକି ଏପରି କାରନାମା କରିବା ସହିତ ଛଳଘରେ ନିଆଁ ଲଗାଇ ମାରିଦେବାକୁ ଧମକ ମଧ୍ୟ ଦେଉଥିବାର ଏତଲାରେ ଦର୍ଶାଯାଉଛି । ଏହି ଘଟଣା ଦେଖି ଆମ ପ୍ରତିନିଧି ୩ତାରିଖରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ପଚାରିବାରେ ସେ ଏ ସମ୍ପର୍କରେ କୌଣସି ଉତ୍ତର ପ୍ରଦାନ ନକରି କୋଭିଡ କଟକଣାକୁ ଦେଖି ଥାନାରୁ ପଚାରି ବୁଝିବେ ବୋଲି ପ୍ରକାଶ କରିଥିଲେ, ହେଲେ ୩ମାସ ଘଟଣା ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପଚାରିବାରୁ ତାହା ଉପରେ କୌଣସି ଉତ୍ତର ପ୍ରଦାନ କରିନଥିଲେ । କଟକ-ପାରାଦ୍ୱୀପ ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ରଘୁନାଥପୁର ଥାନାଟି ଏକ ପ୍ରକାର ଅଚଳ ହୋଇ ପଡିଲାଣି । ଏହି ଥାନାରେ ୪ଜଣ ସେକେଣ୍ଡ ଅଫିସର ଥିଲେ ବି ସମସ୍ତ ଘଟଣାର ତଦନ୍ତ ନିଜେ ଥାନା ଅଧିକାରୀ ଗ୍ରହଣ କରି ଅଭିଯୁକ୍ତ ମାନଙ୍କଠାରୁ ପି.ସି. ଆଦାୟ କରି କେଶ୍ ଗୁଡିକର ରଫାଦଫା କରିଦେଉଥିବାର ଦେଖିବାକୁ ମିଳୁଛି । ଏଥିପାଇଁ ଅଭିଯୋଗକାରୀ ଅଜୟ କୁମାର ଦାସ ରଘୁନାଥପୁର ଥାନାରୁ ନ୍ୟାୟ ପାଇନଥିବାରୁ ଏକ ୱାନ୍ ସି.ସି. ମାମଲା ରୁଜୁ କରିବା ପାଇଁ ପ୍ରକାଶ କରିଛନ୍ତି।

# ଉଚ୍ଚଶିକ୍ଷାରେ ସଫଳତା: ୬ ବର୍ଷରେ ହେଲାଣି ୯ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** ରାଜ୍ୟର କୋଣ ଅନୁକୋଣରେ ଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ନିକଟରେ ଗୁଣାତ୍ମକ ଉଚ୍ଚଶିକ୍ଷା ପହଞ୍ଚାଇବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ହାତକୁ ନେଇଛନ୍ତି। ରାଜ୍ୟର ୧୭ତମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଘୋଷଣା କରିବା ପରେ ରାଜ୍ୟ ଆଉ ଏକ ମାଇଲଷ୍ଟୋନ ଛୁଇଁଛି। ଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ୯ଟି ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ୬ଟି ବିଶ୍ୱବିଦ୍ୟାଳୟ ଏବେ ସୁଦ୍ଧା କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ଗୋଟିଏ ନିର୍ମାଣାଧୀନ ରହିଛି। ନିକଟରେ ଘୋଷଣା ହୋଇଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କେବେଠାରୁ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ରାଜ୍ୟରେ ଏକକ ବିଶ୍ୱବିଦ୍ୟାଳୟ ସଂଖ୍ୟା ୩ରେ ପହଞ୍ଚିବ। ପୂର୍ବରୁ ରେଭେନ୍ସା ଓ ଗଙ୍ଗାଧର ମେହେର ଏକକ ବିଶ୍ୱବିଦ୍ୟାଳୟ ରହିଛି। ତେବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପୂର୍ବରୁ ୨୦୧୫ରେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲାଯ ଯାହାକୁ ପରବର୍ତ୍ତୀ ସମୟରେ ଗବେଷଣାତ୍ମକ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ି ତୋଳିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଏବେ କନିଷ୍ଠିଠାରେ ଏକ ଭଡ଼ା ଘରେ ଏହା ଚାଲିଛି। ଏବେ ପୁଣି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସଂଜ୍ଞା କ'ଣ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶରେ କରୋନା ...

ଲକ୍‌ଡାଉନ ଯୋଗୁ ଆଗାମୀ କିଛିଦିନ ମଧ୍ୟରେ ଏହି ସଂଖ୍ୟା ବଢ଼ିଯିବାର ଆଶଙ୍କା ପ୍ରକାଶ କରିଛନ୍ତି ଏମ୍‌ସ ମାନସିକ ରୋଗ ବିଶେଷଜ୍ଞ ବିଶ୍ୱରଞ୍ଜନ ମିଶ୍ର। ଡାକ୍ତର ବିଶ୍ୱରଞ୍ଜନ କହିଛନ୍ତି, ପାରିପାର୍ଶ୍ୱିକ ପରିବେଶ ଅନେକଙ୍କୁ ନିରାଶାବାଦୀ କରିଦେଇଛି। ଯାହାଫଳରେ ସେମାନେ ନିଦ୍ରା ହିନତାର ଶିକାର ହେଉଛନ୍ତି। ଅଯଥାରେ ଗୁଡାଏ ଚିନ୍ତା କରୁଛନ୍ତି, ଚିଡିଚିଡା ହେଇଯାଉଛନ୍ତି। କିନ୍ତୁ ସେମାନେ ଆଦୌ ମାନସିକ ରୋଗୀ ନୁହନ୍ତି କି ତାଙ୍କ ଅବସ୍ଥା ବି ଗୁରୁତର ନୁହେଁ। କରୋନା ସ୍ଥିତି, ଲକଡାଉନ୍ ଅନେକ ସାଧାରଣ ଲୋକଙ୍କ ପାଇଁ ଏପରି ମାନସିକ ସମସ୍ୟା ସୃଷ୍ଟି କରିଛି।

ରାଜ୍ୟରେ ରେକର୍ଡ ସଂଖ୍ୟକ ସଂକ୍ରମିତ ଚିହ୍ନଟ ହେବା ସହିତ ମୃତ୍ୟୁ ଓ ସୁସ୍ଥ ସଂଖ୍ୟା ବି ବଢ଼ିଛି। ରାଜ୍ୟରେ କରୋନା ସ୍ଥିତି ଯେ କେତେ ଗମ୍ଭୀର ତାହା ଗୋଟିଏ ଦିନର ପରିସଂଖ୍ୟାନକୁ ହିସାବ କଲେ ଜଳ ଜଳ ଜଣାପଡିବ। କିଛିଦିନ ତଳେ ଡିଏମ୍‌ଇଟି ପ୍ରଫେସର ଡାକ୍ତର ସିବିକେ ମହାନ୍ତି କହିଥିଲେ, ରାଜ୍ୟରେ ଦୈନିକ ସଂକ୍ରମଣ ଏବେ ପ୍ଲାଟ୍ୟୁ ବା ସମତଳ ସ୍ଥିତିରେ ରହିଛି। ହେଲେ ଗତ ୫ ଓ ୬ ତାରିଖରେ ରାଜ୍ୟରେ ଦୈନିକ ସଂକ୍ରମଣରେ ନୂଆ ନୂଆ ରେକର୍ଡ ସୃଷ୍ଟି ହୋଇଛି। ଏପରିକି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅନୁକରଣ କରୁଥିବା ତିନିଟି ସଂକ୍ରମଣ ମଡେଲରେ ଦୈନିକ ୧୦ ହଜାର ଟପିବ ବୋଲି ଯେଉଁ ଆକଳନ କରାଯାଇଥିଲା, ବର୍ତ୍ତମାନର କରୋନା ସ୍ଥିତି ତାହାକୁ ମଧ୍ୟ ପଛରେ ପକାଇ ଦେଇଛି। ଆଗକୁ ସ୍ଥିତି କେତେ ଗମ୍ଭୀର ହେବ, ଆକଳନ କରିବା କଷ୍ଟକର।

### ୩ୟ ଲହର ...

ଲହର ପାଇଁ ଏକ ପ୍ୟାନ-ଇଣ୍ଡିଆ ପଦ୍ଧତି ପ୍ରସ୍ତୁତ କରିବାକୁ କହିଛନ୍ତି। ଏହାଦ୍ୱାରା ସାରା ଭାରତରେ ଅମ୍ଳଜାନର ଅଭାବ ରହିବ ନାହିଁ ଏବଂ ଲୋକଙ୍କୁ ଠିକ ସମୟରେ ଅମ୍ଳଜାନ ମିଳିବ। ଦ୍ୱିତୀୟ ଲହର ସମୟରେ ସରକାର ଯେଉଁ ଭୁଲ କରିଛନ୍ତି ତୃତୀୟ ଲହର ସମୟରେ ସେଭଳି ଭୁଲ ନକରିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏହା ସହ ସାରା ଭାରତରେ କିପରି ଅମ୍ଳଜାନ ଗଚ୍ଛିତ ରହିବ, ସେ ନେଇ ପ୍ରସ୍ତୁତି ଆରମ୍ଭ କରିବାକୁ କହିଛନ୍ତି। ଏହା ସହ ସୁପ୍ରିମ କୋର୍ଟ କହିଛନ୍ତି ଯେ, କରୋନାର ତୃତୀୟ ଲହରର ପରିଚାଳନା କରିବାକୁ ଆଜିଠୁ ପ୍ରସ୍ତୁତ ହୁଅନ୍ତୁ। ତୃତୀୟ ତରଙ୍ଗ ସମୟରେ ଛୋଟ ପିଲାମାନେ ପ୍ରଭାବିତ ହୋଇପାରନ୍ତି, ପିଲାମାନଙ୍କର ଟିକାକରଣ ନିଶ୍ଚିତ କରନ୍ତୁ। ଯଦି ସରକାର ତୃତୀୟ ଲହରର ମୁକାବିଲା କରିବାରେ ବିଫଳ ରହିବେ, ତେବେ ଏଥିପାଇଁ କେବଳ ସେ ଦାୟୀ ରହିବେ।

### ୧ରେ କେରଳ ...

ସୂଚନା ଦେଇଛି ଯେ ମୌସୁମୀ ଠିକ୍ ସମୟରେ କେରଳ ଛୁଇଁବ। ପ୍ରତି ଗୁରୁବାର ଆଇଏମଡି ଇଆରଏଫ ବାବଦରେ ସୂଚନା ଦେବା ସହିତ ଆଗାମୀ ୪ ସପ୍ତାହର ପାଣିପାଗ ସୂଚନା ଦିଏ। ଏହି ଅବସରରେ କେରଳରେ ମୌସୁମୀ ବାୟୁ ଠିକ୍ ସମୟରେ ଛୁଇଁବ ବୋଲି କହିଛି। ଆଇଏମଡି ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୫ ତାରିଖରେ ସୂଚନା ଦେବ। ସେତେବେଳକୁ ମୌସୁମୀର ଚିତ୍ର ଆଉ ଟିକିଏ ସ୍ପଷ୍ଟ ହୋଇଯିବ। ଆଣ୍ଡାମାନ ସାଗରରେ ମୌସୁମୀ ସଠିକ ତାରିଖ ଏବଂ ଏହାର ପ୍ରଗତି ମଧ୍ୟପ୍ରଦେଶ ଭାରତରେ ପହଞ୍ଚିବା ପାଇଁ ପୂର୍ବାନୁମାନକାରୀମାନେ ଅଧିକ ଆତ୍ମବିଶ୍ୱାସ କରିବେ। ଏହା ପୂର୍ବରୁ ଏପ୍ରିଲ ୧୬ରେ ଆଇଏମଡି ମୌସୁମୀ ରିପୋର୍ଟ ଜାରି କରିଥିଲା। ଯେଉଁଥିରେ ଚଳିତ ବର୍ଷ ଜୁନ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ହେବାର ସମ୍ଭାବନା ୪୦ ପ୍ରତିଶତ ରହିଛି। ତେବେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ମାତ୍ର ୨୧ ପ୍ରତିଶତ ବୋଲି ପାଣିପାଗ ବିଭାଗ କହିଥିଲା। ମୌସୁମୀ ବର୍ଷା ପ୍ରାୟ ୯୮% ହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି। ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ବୃଷ୍ଟିପାତ ହେଲେ ଲଗାତାର ତୃତୀୟ ବର୍ଷ ପାଇଁ ଏପରି ହେବ ବୋଲି କୁହାଯାଉଛି। ୨୦୧୯ ଓ ୨୦୨୦ ମୌସୁମୀରେ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତ ହୋଇଥିଲା। ଏହା ପୂର୍ବରୁ ୧୯୯୬, ୧୯୯୭ ଓ ୧୯୯୮ ତିନି ବର୍ଷ ମଧ୍ୟ ଭାରତରେ ସ୍ୱାଭାବିକ ମୌସୁମୀ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି।

### କରୋନା ପାଇଁ ...

ମାର୍ଚ୍ଚ ୩୧ ତାରିଖରେ ରାଜସ୍ୱ ବିଭାଗ ବେଞ୍ଚମାର୍କ ଭାଲ୍ୟୁ ବୃଦ୍ଧି ନେଇ ଘୋଷଣା କରିବା ଫଳରେ ସବୁ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ପ୍ରଥମେ ଏନେଇ ଭୁବନେଶ୍ୱର ଲୟର୍ସ ଗ୍ରୁପ୍ ପକ୍ଷରୁ ରାଜସ୍ୱ ବିଭାଗର ଏଭଳି ନିୟମକୁ ବିରୋଧ କରାଯାଇ ଅଭିଯୋଗ ହୋଇଥିଲା ଯେ, ଚଳିତ ବର୍ଷ ଅନଭିଜ୍ଞ ଓକିଲ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଜମି ମୂଲ୍ୟାଙ୍କନ କମିଟି ଗଠନ କରାଯାଇଛି। ତେଣୁ ଲସୟ ଗ୍ରୁପ୍ ପକ୍ଷରୁ ବର୍ଦ୍ଧିତ ବେଞ୍ଚ ମାର୍କ ଭାଲ୍ୟୁକୁ ନେଇ ଅସନ୍ତୋଷ ପ୍ରକାଶ କରାଯିବା ସହ ଏ ସମ୍ପର୍କରେ ଜିଲ୍ଲାପାଳ ଓ ସବ୍‌ରେଜିଷ୍ଟ୍ରାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଖବର 'ଏକମାତ୍ର'ରେ ପ୍ରକାଶ ପାଇବା ସହିତ ଆଇନଜୀବୀମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥିଲା। ତେଣୁ ବର୍ତ୍ତମାନର ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଚିଠି ସମସ୍ତଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି।

### ୨୦୨୨ ଜୁନ୍ ସୁଦ୍ଧା ...

ନିକଟରେ ଇଡ୍‌କୋ ଦ୍ୱାରା ଏକ ଆଧୁନିକ ଜିରୋ-ହକ୍ ଇନ୍‌କ୍ୟୁବେସନ ୨୮ ହଜାର ବର୍ଗଫୁଟ ଜାଗା ଦିଆଯାଇପାରିବ। ଏହି ଭବନରେ ଅଧିକ ଅତ୍ୟାଧୁନିକ ସୁବିଧା ସୁଯୋଗ ସୃଷ୍ଟି କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ ଆଦି କ୍ଷେତ୍ରରେ କାମ କରୁଥିବା ଇନ୍‌କ୍ୟୁବେଟରମାନଙ୍କୁ ଏଥିରେ ସ୍ଥାନ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହାଦ୍ୱାରା ଏହି ଭବନରେ ପରସ୍ପରର ପରିପୂରକ ଭିତ୍ତିକ ଏବଂ ଅତ୍ୟାଧୁନିକ ନବ-ଅନୁସନ୍ଧାନ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ବିଭାଗୀୟ ଶାସନ ସଚିବ ଶ୍ରୀ ମିଶ୍ର କହିଥିଲେ।

### ମାଟ୍ରିକ୍ ମୂଲ୍ୟାୟନ ...

ଘୋଷଣା କରାଯାଇଛି। ମେଣ୍ଟର ସ୍କୁଲର ପ୍ରଧାନ ଶିକ୍ଷକ ସବୁ ସ୍କୁଲର ମାର୍କ ଅପଲୋଡ୍ କରିବେ। ପ୍ରତିଟି ବିଷୟ ଅନୁସାରେ ଛାତ୍ରଛାତ୍ରୀଙ୍କ ସର୍ବାଧିକ ନମ୍ବର ଅପଲୋଡ୍ କରାଯିବ। ମେ ୨୪ରୁ ୩୧ ତାରିଖ ମଧ୍ୟରେ ପ୍ରଧାନ ଶିକ୍ଷକ ମାର୍କ ଅପଲୋଡ କରିବେ। ଗତ ଏପ୍ରିଲ ୨୪ ତାରିଖରେ ମାଟ୍ରିକ ପରୀକ୍ଷାକୁ ଆନୁଷ୍ଠାନିକ ଭାବେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲ ବିଭିନ୍ନ ଆଡୁ ପ୍ରତିବାଦ ପରେ ଆଜି ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଏହି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ରେଗୁଲାର, ଏକ୍ସରେଗୁଲାର, ମଧ୍ୟମା ପିଲାଙ୍କୁ ମିଶାଇ ଚଳିତ ବର୍ଷ ୬ଲକ୍ଷ ୪୭ ହଜାର ପିଲା ପରୀକ୍ଷା ଦେଇଥାନ୍ତେ। ଏଥିନିମନ୍ତେ ୩୩ଶହ କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଥିଲା। ପିଲାମାନେ ନିଜ କେନ୍ଦ୍ରରେ ପରୀକ୍ଷା ଦେଇଥାନ୍ତେ। ଦଶମ ଶ୍ରେଣୀ ପିଲାଙ୍କ ନିମନ୍ତେ ଜାନୁଆରୀ ୨୮ ତାରିଖରୁ ଏପ୍ରିଲ ୨୫ ପର୍ଯ୍ୟନ୍ତ ୧୦୦ ଦିନିଆ ପାଠପଢ଼ା ଚାଲିଥିଲା। ପରୀକ୍ଷା ନିମନ୍ତେ ପିଲାମାନଙ୍କୁ ପ୍ରସ୍ତୁତ କରାଯାଉଥିବା ବେଳେ ସେମାନେ ୮୦ ମାର୍କର ପରୀକ୍ଷା ଦେଇଥାନ୍ତେ।

### ନାଉଗାଁ ଥାନାରେ ...

କାନନବାଳା ଦାସଙ୍କୁ ଦୃବ୍ୟବହାର କରିବା ସହିତ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଜାତିଗତ ଆକ୍ଷେପ କରିଥିଲା। ଏହି କଲିଆ ଏକ ପ୍ରକାର ଭଡାଟିଆ ଗୁଣ୍ଡା ଭାବେ ବ୍ୟାଙ୍କର ମ୍ୟାନେଜରଙ୍କଠୁ ଆରମ୍ଭ କରି କର୍ମଚାରୀମାନଙ୍କ ପର୍ଯ୍ୟନ୍ତ ଗେହ୍ଲାପୁଅ ଭାବେ ବ୍ୟାଙ୍କ ପାଖରେ ବୁଲାବୁଲି କରି ଦଲାଲି କାର୍ଯ୍ୟ କରିଥାଏ। ବ୍ୟାଙ୍କ କର୍ମଚାରୀମାନେ ସବୁ ଜାଣି ମଧ୍ୟ ନୀରବ ଦ୍ରଷ୍ଟା ସାଜନ୍ତି। ଏହି ଗଣ୍ଡଗୋଳ ସମୟରେ ସେଠାରେ ଉପସ୍ଥିତ ଥିବା ଉର୍ମିଳା ଭୋଇଙ୍କୁ ଅତ୍ୟନ୍ତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏପରିକି ଜାତିବାଦର ପରମ୍ପରାକୁ ଭୁଲି ଖରାପ ଭାଷାରେ ଆକ୍ଷେପ କରି ଟଙ୍କା ଓ ବ୍ୟାଙ୍କ ପାସ୍ ବୁକ୍ ତୁମକୁ ଦିଆ ହେବ ନାହିଁ ବୋଲି କହି ଦୁଇ ମହିଳାଙ୍କୁ ଠେଲାପେଲା କରିଥିଲା। ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ ସ୍ୱାଇଁ ଜାଣି ମଧ୍ୟ କଲିଆକୁ ସାହଯ୍ୟ କରି ଉପସ୍ଥିତ ଥିବା ମହିଳାମାନଙ୍କୁ ବିଭିନ୍ନ ଭାଷାରେ ଗାଳିମନ୍ଦ କରି ଏଠାରୁ ଛାଡି ପଳାଇଯିବାକୁ ଧମକ୍ ମଧ୍ୟ ଦେଇଥିଲେ। ବ୍ୟାଙ୍କରୁ ଏହି ମହିଳାମାନେ ଘରକୁ ଫେରିଆସିବା ପରେ କଲିଆ ତା ଘରେ ପହଞ୍ଚି ନିଜ ସ୍ତ୍ରୀ ମମତା ମଲ୍ଲିକଙ୍କୁ ନେଇ ଏହି ମହିଳାମାନଙ୍କ ଘରକୁ ଯାଇ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଥାନାରେ ଏତଲା ଦେଲେ ଜୀବନରୁ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲା। ଗାଁର କିଛି ମହିଳା ଏ ସବୁ ଘଟଣା ଦେଖି ନାଉଗାଁ ଥାନାରେ ଏତଲା ଦେବାକୁ ଯାଇଥିଲେ। ୨୩ତାରିଖରେ ଏତଲା ଦେଇଥିବା ବେଳେ ଥାନା ଅଧିକାରୀ ଭରତ କୁମାର ବେହେରା ୨୪ତାରିଖ ଦିନ ମାମଲା ରୁଜୁ କରିଥିଲେ। ଯାହାର ପି.ଏସ୍. କେଶ୍ ନଂ-୨୮/୨୧। ଏହାର ତଦନ୍ତ ଦାୟିତ୍ୱ ଜଗତ୍‌ସିଂହପୁର ଏସ୍.ଡି.ପି.ଓ ପ୍ରିୟରଞ୍ଜନ ଶତପଥୀ ନେଇଥିଲେ। ଏତଲା ରେଜେଷ୍ଟ୍ରି କରାଗଲା କିନ୍ତୁ ଏହାର ତଦନ୍ତରେ ବିଳମ୍ବ ଓ ଅଭିଯୁକ୍ତ କଲିଆ ଗାଁରେ ବୁଲି ମହିଳାମାନଙ୍କୁ ପୁନର୍ବାର ଧମକ ଦେବାରୁ କେତେକ ମହିଳା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ରଙ୍ଗରାଜଙ୍କୁ ଭେଟି ନ୍ୟାୟ ପ୍ରଦାନ କରିବାକୁ ଆସିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଅତିରିକ୍ତ ଏସ୍.ପି. ବିଷ୍ଣୁଚରଣ ମିଶ୍ରଙ୍କୁ ଏସ୍.ପି. ଦାୟିତ୍ୱ ପ୍ରଦାନ କରି ଯଥାଶିଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଅତିରିକ୍ତ ଏସ୍.ପି. ଘଟଣାସ୍ଥଳକୁ ଓ ବ୍ୟାଙ୍କକୁ ଯାଇ ଖବର ନେଇଥିଲେ ବି ଆସାମୀ ଖୁଲମ୍‌ଖୁଲା ଭାବେ ଗାଁରେ ବୁଲୁଥିବାର ଦେଖିବାକୁ ମିଳୁଛି। ନାଉଗାଁ ଥାନା ଅଧିକାରୀ ମାମଲା ରୁଜୁକରି ଜଣଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ଏସ୍.ପି.ଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟଜଣଙ୍କୁ ଦାୟିତ୍ୱ ଦେବା ନେଇ ପୋଲିସ୍ ବିଭାଗର ଗୁମର କଥା ହାଟରେ ପଡୁଛି। ଅତିରିକ୍ତ ଏସ୍.ପି. ଶ୍ରୀ ମିଶ୍ରଙ୍କ ସହିତ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ ତଦନ୍ତ ଏବେ ଚାଲିଛି ତାହା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଥିଲେ। ସ୍ୱଂୟସହାୟକ ଗୋଷ୍ଠୀ ପକ୍ଷରୁ ରାଧା ଭୋଇ, କୁନି ଦେଇ, କେତକ ଭୋଇ, ମିନତୀ ଦାସ ଓ ଡଲି ଦେଈ ପ୍ରମୁଖ ପ୍ରକାଶ କରିଥିଲେ ଯେ ମୁଖ୍ୟ ଆସାମୀକୁ ଯଦି ଗିରଫ କରାନଯାଏ ତେବେ ନାଉଗାଁ ଥାନା ଆଗାରେ କିରୋସିନି ଢ଼ାଳି ଆତ୍ମହତ୍ୟା କରିବେ ବୋଲି ଜଣାଇଥିଲେ।

**୧୮-୪୪ ବର୍ଷୀୟ ବର୍ଗର ଲୋକମାନଙ୍କ ପାଇଁ ଟିକାକରଣ ପ୍ରସଙ୍ଗ**

# 'ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରନ୍ତୁ ମୁଖ୍ୟମନ୍ତ୍ରୀ'




**ଭୁବନେଶ୍ୱର :** ଚଳିତ ମାସ ୧ ତାରିଖରୁ ୧୮-୪୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଯୁବକ ଓ ଯୁବତୀମାନଙ୍କୁ କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମ ଦେଶବ୍ୟାପୀ ଆରମ୍ଭ ହୋଇଛି । ରାଜ୍ୟ ରାଜକୋଷରୁ ଅର୍ଥ ବରାଦ କରି ଓଡିଶାର ସମସ୍ତ ଯୁବକଯୁବତୀମାନଙ୍କୁ ମାଗଣାରେ କୋଭିଡ୍ ଟୀକା ପ୍ରଦାନ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ, ଯାହାକି ସମସ୍ତଙ୍କ ମନରେ ଆନନ୍ଦ ଭରି ଦେଇଥିଲା । ରାଜଧାନୀ ଭୂବନେଶ୍ୱରରେ ୧ ତାରିଖରୁ କୋଭିଡ୍ ଟୀକାକରଣର ଟ୍ରାଇଲ ରନ ଆରମ୍ଭ ହେବ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଏହି ବର୍ଗର ଲୋକମାନଙ୍କୁ ଟୀକା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମାତ୍ର ଆଜିକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ରାଜଧାନୀ ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ୧୮-୪୪ ବର୍ଷୀୟ ବର୍ଗର ଲୋକମାନଙ୍କ ପାଇଁ କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇପାରିଲା ନାହିଁ । ଟ୍ରାଇଲ ରନ ପାଇଁ କେବଳ ଭୂବନେଶ୍ୱର କାହିଁକି, ଆଉ କେତେଦିନ ଭୁବନେଶ୍ୱରରେ ଟୀକାକରଣର ଟ୍ରାଇଲ ରନ ଜାରୀ ରହିବ ଓ ରାଜ୍ୟର ଅନ୍ୟାନ୍ୟ ସ୍ଥାନମାନଙ୍କରେ କେବେଠୁ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ୨୦ ବର୍ଷର ଶାସନ କାଳରେ ଓଡିଆ ଯୁବକଯୁବତୀମାନଙ୍କୁ ରୋଜଗାର, ଶିକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତାରଣା କରି ଆସିଛନ୍ତି । ଆଜି ଆଉ ଯୁବକଯୁବତୀମାନଙ୍କ ଜୀବନ ସହ ଖେଳ ଖେଳନ୍ତୁ ନାହିଁ । ଓଡିଆ ଯୁବକଯୁବତୀମାନେ କୋଭିଡ୍ ଟୀକା ପାଇଁ ସଂପୂର୍ଣ୍ଣ ହକ୍‌ଦାର ଏବଂ ସେମାନଙ୍କୁ ତାଙ୍କ ଅଧିକାରରୁ କେହିହେଲେ ବଂଚିତ କରିପାରିବେ ନାହିଁ । ଓଡିଶା ଯୁବକମାନଙ୍କ ଦାୟୀତ୍ୱ ଆପଣଙ୍କର ନୁହେଁ କି ଏବଂ କେବେ ସୁଦ୍ଧା ଓଡିଆ ଯୁବକଯୁବତୀମାନଙ୍କୁ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ଶ୍ରୀ ତ୍ରିପାଠୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ରାଜ୍ୟର ସମସ୍ତ ଯୁବକଯୁବତୀମାନଙ୍କ ଦାୟୀତ୍ୱ ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମାଗଣା କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ପଶ୍ଚିମ, ଦକ୍ଷିଣ ଓ ଉତ୍ତର ପରେ ଏବେ ପୂର୍ବ ଉପରେ କରୋନାର ନଜର

**ଭୁବନେଶ୍ୱର :** ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଭାରତରେ କରୋନାର ବିସ୍ଫୋରଣ ପରେ ଏବେ ପୂର୍ବ ଭାରତରେ ବି ଏହା କରାଳ ରୂପ ଧାରଣ କରିବାଲେ ଲାଗିଛି। ଓଡ଼ିଶାରେ ଦିନକୁ ଦିନ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଆଗକୁ ସ୍ଥିତି ଆହୁରି ବିଗିଡ଼ିବାର ଆଶଙ୍କା ରହିଛି। ଖାସ୍ ସେଥିଲାଗି କେନ୍ଦ୍ର ସରକାର ଓଡ଼ିଶା ସମେତ ପୂର୍ବ ଭାରତର ପାଞ୍ଚ ରାଜ୍ୟ ସହ ସମୀକ୍ଷା ବୈଠକ କରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ଅଧିକ ମାନବ ସମ୍ବଳ ସହ ଭିତ୍ତିଭୂମି ସଜାଡିବାକୁ କହିଥିବା ବେଳେ ରାଜ୍ୟ ସରକାର ୩୦ ହଜାର ଅକ୍ସିଜେନ ସିଲିଣ୍ଡର ଓ ଅଧିକ ଟେଷ୍ଟିଂ କିଟ୍ ଦାବି କରିଛନ୍ତି। ଦେଶର ଅନ୍ୟ ଭାଗରେ ତାଣ୍ଡବ ରଚିବା ପରେ ପୂର୍ବ ଭାରତରେ ବି କରୋନା ଧିରେ ଧିରେ ଏହାର କରାଳ ରୂପ ଦେଖାଇବା ଆରମ୍ଭ କଲାଣି। ତେଣୁ କେନ୍ଦ୍ର ସରକାରଙ୍କ ଫୋକସରେ ଏବେ ପୂର୍ବ ଭାରତ ରାଜ୍ୟ ସମୂହ। ସେଥିପାଇଁ ଗତକାଲି ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମର ସ୍ଥିତି ନେଇ ସମୀକ୍ଷା କରିଥିଲେ କେନ୍ଦ୍ର ସରକାର। ଅଧିକ ମାନବ ସମ୍ବଳ ସହ ଭିତ୍ତିଭୂମି ସଜାଡିବା ଏବଂ କ୍ଲିନିକାଲ ମ୍ୟାନେଜମେଣ୍ଟ ନେଇ ପରାମର୍ଶ ଦେଇଛି କେନ୍ଦ୍ର। ୨୦ ପ୍ରତିଶତ ପଜିଟିଭ୍ ହାର ଥିବା ଜିଲ୍ଲାଗୁଡ଼ିକ ଉପରେ ରହିବ ଫୋକସ୍। ପରୀକ୍ଷଣ, ସଙ୍ଗରୋଧ,ଚିକିତ୍ସା, ଅଧିକ ଭିଡ଼ ନଜମାଇବା ଓ ଆବଶ୍ୟକ ଦେଖି କଣ୍ଟେନମେଣ୍ଟ କରିବାକୁ ବି କୁହାଯାଇଛି। ସେପଟେ କୋଭିଡ୍ ମୁକାବିଲା ଲାଗି ରାଜ୍ୟ ସରକାର ୩୦ ହଜାର ଅକ୍ସିଜେନ ସିଲିଣ୍ଡର, ଅଧିକ ଟେଷ୍ଟିଂ କିଟ୍ ଓ ୪୫ ବର୍ଷରୁ ଅଧିକ ବୟସ୍କଙ୍କ ଲାଗି ୧୫ ଲକ୍ଷ ଡୋଜ୍ ଯୋଗାଇଦେବାକୁ ଦାବି କରିଛନ୍ତି। ସେପଟେ ରାଜ୍ୟରେ କୋଭିଡ୍ ପରିଚାଳନା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଇସୋଲେସନ୍ ବେଡ୍ର କ୍ଷମତା ବୃଦ୍ଧି କରିବା, ଆଇସିୟୁ ଓ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଭିଡିଓ କନ୍ଫରେନସିଂ ଜରିଆରେ ହୋଇଥିବା ଏହି ବୈଠକରେ ରାଜ୍ୟର କେନ୍ଦ୍ରୀୟ ପିଏସ୍ୟୁଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଂଗଠନ, ବ୍ୟାଙ୍କି କ୍ଷେତ୍ରର ପ୍ରମୁଖ ଅଧିକାରୀ ସାମିଲ ହୋଇଥିଲେ ରାଜ୍ୟରେ ଟେଷ୍ଟିଂ ବୃଦ୍ଧି ସହ ଟିକାକରଣ ଉପରେ ଗୁରୁତ୍ୱ ଦେଇଥିଲେ ଧର୍ମେନ୍ଦ୍ର। ସେପଟେ ଦ୍ୱିତୀୟ ଲହର ପ୍ରକୋପ କମିନଥିବା ବେଳେ କରୋନାର ତୃତୀୟ ଲହର ଅବଶ୍ୟମ୍ଭାବୀ ବୋଲି କେନ୍ଦ୍ର ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା କେ. ବିଜୟ ରାଘବନ କହିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଆମେ ତୃତୀୟ ଲହର କଥା ଚିନ୍ତା ନକରି ଆକ୍ରାନ୍ତଙ୍କ ଚିକିତ୍ସା ଉପରେ ଧ୍ୟାନ ଦେବା ଉଚିତ୍।

# ଲକ୍‌ଡାଉନକୁ ନେଇ ଅସାଧୁ ବ୍ୟବସାୟୀମାନଙ୍କ କଳାବଜାରୀ

**ଜଗତ୍‌ସିଂହପୁର :** ରାଜ୍ୟରେ ଲକ୍‌ଡାଉନ୍ ହେବା କ୍ଷଣି ଅସାଧୁ ବ୍ୟବସାୟୀମାନଙ୍କ ପୁଷମାସ ହେଲାପରି ଲାଗୁଛି। ସକାଳ ୬ଘଟିକାରୁ ଦୋକାନ ବଜାର ଖୋଲି ମଧ୍ୟାହ୍ନ ପର୍ଯ୍ୟନ୍ତ ବ୍ୟବସାୟ କରି ବ୍ୟବସାୟୀମାନେ ମାଲେମାଲ ହେଉଥିବା ବେଳେ ଗାଁ ଗହଳିର ଲୋକମାନେ ନିଜର ଜୀବିକା ହରାଇ ପନିପରିବା ହେଉ ବା ତେଜରାତି ଦୋକାନରୁ ସଉଦା କିଣିବା ଏକ ପ୍ରକାର ତାଙ୍କ ପାଇଁ ସାତସପନ ହୋଇଗଲାଣି। ଗ୍ରୋସରୀ ସଉଦା ଓ ପନିପରିବା ଦର ଦିନକୁ ଦିନ ଆକାଶଛୁଆଁ ହେଲାଣି। ଦରଦାମର କଳାବଜାରୀ ରୋକିବା ପାଇଁ ସରକାରୀସ୍ତରରେ କୌଣସି ପ୍ରକାର ବ୍ୟବସ୍ଥା କରାଯାଉନାହିଁ। ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ବିଭାଗର କର୍ମଚାରୀଙ୍କ ଠାରୁ ଅଫିସରମାନେ ବଡ଼ ବଡ଼ ଗୋଦାମରୁ ଲାଞ୍ଚ ନେଇ ଘରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡୁଛନ୍ତି, ଯାହାର ସୁଯୋଗ ନେଇ ବ୍ୟବସାୟୀ ମାନେ ମନଇଛା ଦରଦାମ ବୃଦ୍ଧି କରି ସାଧାରଣ ଲୋକଙ୍କୁ ଶୋଷଣ କରୁଛନ୍ତି। ବର୍ତ୍ତମାନ ମହାମାରୀ କରୋନାରେ ସମସ୍ତେ ଘରେ ରହି ଜୀବିକା ହରାଇଥିବା ବେଳେ ବ୍ୟବସାୟୀମାନଙ୍କ କଳାବାଜାରୀ ବୋଝ ଉପରେ ନଳିତା ବିଡା ସଦୃଶ ହୋଇପଡିଛି। ସାଧାରଣ ମୁଲିଆ ଶ୍ରେଣୀ ଲୋକମାନେ ଓଳିଏ ଖାଇଲେ ଓଳିଏ ଓପାସ ରହିବାକୁ ପଡୁଛି। କେତେକ ଘରେ ମଧ୍ୟ ସବୁଦିନ ଚୁଲି ଜଳିପାରୁନାହିଁ। ଆଜି ଯେଉଁ ଜିନିଷର ମୂଲ୍ୟ ୧୦୦ଟଙ୍କା ଥିଲା ଆସନ୍ତା କାଲି ତାହା ୧୨୦ଟଙ୍କାରେ ବିକ୍ରି କରାଯାଉଛି। ଦୋକାନୀକୁ ପଚାରିବାରେ ଦୋକାନୀ କହୁଛନ୍ତି ଯେ ତମ ଇଚ୍ଛା ହେଲେ ନିଅ ନଚେତ ଏଠାରୁ ପଳାଇ ଯାଅ। ଏଠାରେ ପ୍ରଶ୍ନ ଉଠେ ପ୍ରକୃତରେ ଦରଦାମ ବଢୁଛି ନା ବ୍ୟବସାୟୀମାନେ ମନଇଚ୍ଛା ଷ୍ଟକ୍ ରଖି ଏପରି କରୁଛନ୍ତି ତାହା ବୁଝାପଡୁନାହିଁ। ଯଦି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରୟ ମୂଲ୍ୟ ସର୍ବସାଧରଣରେ ପ୍ରକାଶ ପାଆନ୍ତା ତେବେ ଦୋକାନୀଟି ଏପରି କରିବାରେ ପଛଘୁଞ୍ଚା ଦିଅନ୍ତା । ମାତ୍ର ତୁ ତ ମୁତୁରୀ ମୁଁ ତ ମୁତୁରୀ ହେସଁ କାହିଁ ପାଇଁ ଧୋଇବା ନିତିରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦୋକାନୀଙ୍କଠାରୁ ମାଲ ନେଇ ମାଲେମାଲ ସେମାନଙ୍କର କ'ଣ ଦରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଦୋକାନିଟୀ ଉକ୍ତ ବିଭାଗର ସମସ୍ତ କର୍ମଚାରୀଙ୍କୁ ଲାଞ୍ଚ ଦେଇ ଜିନିଷର ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହେଉଛି। ବର୍ତ୍ତମାନ ଜଗତ୍‌ସିଂହପୁର ଜିଲ୍ଲାର ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜଣେ ମଧ୍ୟବିତ ପରିବାର ହୋଇଥିବାରୁ ସେ ମଧ୍ୟବିତ ପରିବାର ଲୋକଙ୍କ କଥା ଭଲଭାବେ ବୁଝିପାରୁଥିବେ। ସେ ଏଥିପ୍ରତି ଦୃଷ୍ଟି ଦେଇ କଳାବଜାରୀ କରୁଥିବା ଦୋକାନୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଖାଉଟି କିପରି ଶୋଷଣର ଶିକାର ନହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ଓଡିଆ ସାହିତ୍ୟର ମହାନାୟକ-ମନୋଜ ଦାସ



ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ।

ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

























*ମନୋଜ ଦାସଙ୍କ ଉପରେ ଆଧାରିତ ଲୋକପ୍ରିୟ ପତ୍ରିକା 'କାହାଣୀ' ବିଶେଷାଙ୍କ କବି ରମାକାନ୍ତ ରଥଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, କାହାଣୀର ସମ୍ପାଦକ ବିଜୟ ନାୟକ ଏବଂ ସହଯୋଗୀ ସମ୍ପାଦକ ଅମିତାଭ ଖିଲାର ଉପସ୍ଥିତ ଥିଲେ।*



# ‘ସଚେତନ ନ ହେଲେ ସ୍ଥିତି ସାଙ୍ଘାତିକ’



**ଭୁବନେଶ୍ୱର :** ଦେଶ ଓ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏଭଳି ସ୍ଥଳେ ସରକାର ଲକଡାଉନ୍ କେବେ ଚାହୁଁନଥିଲେ । ସ୍ଥିତିକୁ ଦେଖି ବାଧ୍ୟ ହୋଇ ଲକ୍‌ଡାଉନ୍ କଲୁ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗ ପ୍ରଦୀପ୍ତ ମହାପାତ୍ର । ପ୍ରଥମେ ସୀମାବର୍ତ୍ତୀ ଜିଲ୍ଲାରେ ନାଇଟ୍ କର୍ଫ୍ୟୁ, ସପ୍ତାହନ୍ତ ସଟ୍‌ଡାଉନ୍ କରିଥିଲୁ । ସ୍ଥିତି ନ ସୁଧୁରିବାରୁ ସରକାର ଲକଡାଉନ କରିଛନ୍ତି । ସରକାରଙ୍କ କୋଭିଡ୍ କଟକଣାକୁ ମାନନ୍ତୁ । ସକାଳେ ବଜାର ପାଇଁ ଦିଆଯାଇଥିବା ସମୟର ଅପବ୍ୟବହାର କରନ୍ତୁ ନାହିଁ । ସମସ୍ତେ କୋଭିଡ୍ ନିୟମ ପାଳନ କରନ୍ତୁ । ସମସ୍ତେ ସଚେତନ ହୁଅନ୍ତୁ, କରୋନାର ତୃତୀୟ ପ୍ରବାହ ଆସୁଛି । ଲକଡାଉନ୍ ସମୟରେ ସମସ୍ତେ କରୋନା କଟକଣା ମାନନ୍ତୁ । ନ ମାନିଲେ ସ୍ଥିତି ବିଗିଡିଯିବ ବୋଲି କହିଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚି । ଏଥିସହ ଟିକାକରଣ ସମ୍ପର୍କରେ ସ୍ୱାସ୍ଥ୍ୟ ଏସିଏସ୍ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି । ରାଜ୍ୟରେ ୯୭% ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଓ ୮୭%କୁ ୨ୟ ଡୋଜ୍ ଦିଆଗଲାଣି । ସମ୍ମୁଖ ଯୋଦ୍ଧାଙ୍କ ମଧ୍ୟରେ ପ୍ରଥମ ଡୋଜ୍ ୯୭%, ୨ୟ ଡୋଜ୍ ୮୫% ନେଇ ସାରିଲେଣି । ରାଜ୍ୟରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ମୋଟ ୧ କୋଟି ୧୬ଲକ୍ଷ ଲୋକ ଅଛନ୍ତି । ୧ କୋଟି ୧୬ଲକ୍ଷ ଲୋକଙ୍କ ମଧ୍ୟରୁ ୪୩.୫୫ଲକ୍ଷ ପ୍ରଥମ ଡୋଜ୍ ନେଲେଣି । ସେମାନଙ୍କ ମଧ୍ୟରୁ ୨୩ଲକ୍ଷ ୪୩ ହଜାର ଲୋକଙ୍କ ୨ୟ ଡୋଜ୍ ଟାଇମ୍ ହୋଇଗଲାଣି । ୨ୟ ଡୋଜ୍ ଆମେ ଏଯାଏ ୫ଲକ୍ଷ ୯୬ ହଜାର ଲୋକଙ୍କୁ ଦେଲୁଣି । ଏଯାଏ ପାଖାପାଖି ୧୭ଲକ୍ଷ ଲୋକଙ୍କ ୨ୟ ଡୋଜ୍ ଡିଉ ହେଉଛି । କୋଭାକ୍ସିନ ଟିକା କେବଳ ଭୁବନେଶ୍ୱର ମହାନଗର ଅଞ୍ଚଳରେ ଦିଆଯାଉଛି । କୋଭାକ୍ସିନ ଟିକା ୨ୟ ଡୋଜ୍ ଦେବାରେ ଏଯାଏ କିଛି ସମସ୍ୟା ନାହିଁ । ଘରୋଇ ହସ୍ପିଟାଲରେ ୧ମ ଡୋଜ୍ ନେଇଥିଲେ, ସରକାରୀ ହସ୍ପିଟାଲରୁ ୨ୟ ଡୋଜ୍ ନେଇପାରିବେ । ସରକାରୀ ହସ୍ପିଟାଲରୁ ମାଗଣାରେ ୨ୟ ଡୋଜ୍ ଟିକା ନେଇପାରିବେ । ଏପ୍ରିଲ ୩୦ ସୁଦ୍ଧା ଘରୋଇ ହସ୍ପିଟାଲରେ ୧ମ ଡୋଜ୍ ନେଇଥିଲେ, ୨ୟ ଡୋଜ୍ ମାଗଣାରେ ନେଇପାରିବେ । ବିଏମ୍‌ସି ଛାଡି ୩୦ ଜିଲ୍ଲାରେ କୋଭସିଲଡ ଟିକା ଦିଆଯାଉଥିବାରୁ ସମସ୍ୟା ଉପୁଜିଛି । ଆମେ ତୁରନ୍ତ ୧୫ଲକ୍ଷ ଡୋଜ୍ ଟିକା ଦେବାକୁ କେନ୍ଦ୍ରକୁ ନିବେଦନ କରିଛୁ । ଯେଉଁମାନେ ୨ୟ ଡୋଜ୍ ଅପେକ୍ଷାରେ ଅଛନ୍ତି, ସେମାନଙ୍କୁ ପ୍ରଥମେ ଦିଆଯିବ । ସେମାନଙ୍କ ଛଡା କୌଣସି ନୂଆ ଲୋକଙ୍କୁ ପ୍ରଥମ ଡୋଜ୍ ଏବେ ଦିଆଯିବନି । ଏସିଏସ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ଟିକା ଉତ୍ପାଦନ, ନିୟନ୍ତ୍ରଣ କେନ୍ଦ୍ର ହାତରେ । ସିଏ ଯାହା ଦେବେ ଆମେ ଦେବୁ । ପ୍ରଥମ ଡୋଜ୍ ନେବାକୁ ଥିବା ବ୍ୟକ୍ତିଙ୍କୁ ଅପେକ୍ଷା କରିବାକୁ ଅନୁରୋଧ କରିଛନ୍ତି ଏସିଏସ୍ । ୧୮ ରୁ ୪୪ ବର୍ଗର ଲୋକଙ୍କୁ ଏବେ କେବଳ ରେଜିଷ୍ଟ୍ରେସନ କରିବାକୁ ପଡିବ ।

# ନିଜ ଉଦ୍ୟମରେ କୋର୍ଟ ପରିସର ସାନିଟାଇଜ୍ କଲେ ଆଇନଜୀବୀ ପୂଜାପଣ୍ଡା



**ଭୁବନେଶ୍ୱର :** ମହାମାରୀ କରୋନା କବଳରେ ପଡି ସାରା ଦେଶ ଲଢ଼େଇ କରୁଥିଲା ବେଳେ କିଛି ବ୍ୟକ୍ତି ନିଜ ଜୀବନକୁ ବାଜି ଲଗାଇ କରୋନା ସଂକ୍ରମଣ ହ୍ରାସ କରିବା ଦିଗରେ କର୍ତ୍ତବ୍ୟ କରିବା ସମାଜ ପାଇଁ ଶୁଭ ଲକ୍ଷଣ । ସରକାରୀ ସ୍ତରରେ ଅନେକ ପ୍ରକାର ଉଦ୍ୟମ ଚାଲିଥିଲା ବେଳେ ଭୁବନେଶ୍ୱର ବାର୍‌ର ଓକିଲ ସଞ୍ଜୀବ ପୂଜାପଣ୍ଡା କୋର୍ଟ ପରିସରକୁ ନିଜ ଉଦ୍ୟମରେ ସାନିଟାଇଜ୍ କରିବା ଏବଂ ଓକିଲ ମାନଙ୍କ ମଧ୍ୟରେ କରୋନା ସଚେତନତାର ବାର୍ତ୍ତା ବାଣ୍ଟିବା ନିଶ୍ଚୟ ପ୍ରଶଂସନୀୟ କାର୍ଯ୍ୟ । ଜଣେ ଆଇନଜୀବୀ ହୋଇଥିଲେ ବି ଶ୍ରୀ ପୂଜାପଣ୍ଡା ସମାଜସେବା କ୍ଷେତ୍ରରେ ନିଜକୁ ସମର୍ପିତ କରିଛନ୍ତି । କରୋନାର ପ୍ରଥମ ଲହର ବେଳେ ସେ ଯେଉଁଭଳି ସେବା କାର୍ଯ୍ୟ କରିଥିଲେ ବର୍ତ୍ତମାନ ଦ୍ୱିତୀୟ ଲହର ବେଳେ ଭୁବନେଶ୍ୱର ଜୁଡିସିଆଲ କୋର୍ଟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରାର ଅଫିସ ଏବଂ ଏଡିଆର ବିଲ୍ଡିଂକୁ ସାନିଟାଇଜ୍ କରିଛନ୍ତି । ନିଜ ଉଦ୍ୟମରେ କଳ୍ପନା ଛକରେ ଥିବା ଫାୟାର ଷ୍ଟେସନ ଗାଡି ଡାକି କୋର୍ଟ ପରିସରକୁ କିପରି ଭୂତାଣୁମୁକ୍ତ କରିହେବ ସେଥିପାଇଁ ଆଧୁନିକ ପଦ୍ଧତିରେ ସାନିଟାଇଜ୍ କରାଇଥିଲେ । ଉଲ୍ଲେଖଯୋଗ୍ୟ ପୁରୁଣା ଭୁବନେଶ୍ୱରରେ ରହୁଥିବା ଶ୍ରୀ ପୂଜାପଣ୍ଡା ମହାପ୍ରଭୁ ଲିଙ୍ଗରାଜଙ୍କର ଜଣେ ସେବକ । ତାଙ୍କର ଏଭଳି ମହନୀୟ କାର୍ଯ୍ୟ ପାଇଁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।


With Best Compliments From :




HOTEL UTKAL INN Bar
Family Bar & Restaurant
INDIAN • CHINESE • TANDOOR
SALOON & SPA
Lewis Road, Gouri Nagar,
Old Town, Bhubaneswar, Odisha


# ଟିକା ଉପରୁ ତୁରନ୍ତ ଜିଏସ୍‌ଟି ଛାଡ଼ କରାଯାଉ : ନବୀନ



ଭୁବନେଶ୍ୱର : ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସାମ୍ନାରେ ଏକ ବଡ଼ ପ୍ରସଙ୍ଗ ରଖିଛନ୍ତି । ରାଜ୍ୟ କିଣୁଥିବା କୋଭିଡ୍-୧୯ ଟିକା ଉପରୁ ଜିଏସ୍ଟି ଛାଡ଼ କରିବା ଲାଗି ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏକ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୮-୪୫ ବର୍ଷ ବୟସ୍କ ଲୋକମାନଙ୍କ ଟିକାକରଣ ପାଇଁ ରାଜ୍ୟଗୁଡ଼ିକୁ ନିଜସ୍ୱ ସମ୍ବଳରୁ ଟିକା କିଣିବା ଲାଗି କୁହାଯାଇଛି । ଏଭଳି ପରିସ୍ଥିତିରେ ଟିକା ଉପରେ ଜିଏସ୍ଟି ଲାଗିବା ଦ୍ୱାରା ରାଜ୍ୟଗୁଡ଼ିକ ପାଇଁ ତାହାର ମୂଲ୍ୟ ବିଯାଉଛି । କେବଳ ସେତିକି ନୁହେଁ, କରୋନା ଭଳି ସମୟରେ ରାଜ୍ୟମାନେ ଆର୍ଥିକ ଦୁଃସ୍ଥିତି ଭିତରେ ଥିବାବେଳେ ଏହା ରାଜ୍ୟ ଅର୍ଥନୀତି ଉପରେ ପ୍ରଚଣ୍ଡ ପ୍ରହାର ପକାଇବ । ଏଣୁ ଜିଏସ୍ଟି ସମ୍ପୂର୍ଣ୍ଣ ଛାଡ଼ କରିବାକୁ ସେ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସବୁଠାରୁ ବଡ଼ କଥା ହେଲା, ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର ଆଦାୟ କରୁଥିବା ସେସ୍ ଓ ସରଚାର୍ଜ ପାଣ୍ଠିରୁ ମଧ୍ୟ ଭାଗ ମାଗିଛନ୍ତି । କୋଭିଡ୍ ଚିକିତ୍ସା ପାଇଁ ସବୁ ରାଜ୍ୟକୁ ଏହି ପାଣ୍ଠିରୁ ଅର୍ଥ ଦେବା ଲାଗି କେନ୍ଦ୍ର ଉପରେ ଚାପ ସୃଷ୍ଟି କରିଛନ୍ତି ନବୀନ ।

# ସ୍ୱାସ୍ଥ୍ୟସେବା ବିକଶିତ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ : ଧର୍ମେନ୍ଦ୍ର



**ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଓଡ଼ିଶାରେ ପରିଚାଳିତ କେନ୍ଦ୍ରୀୟ ରଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଂଗଠନ, ବ୍ୟାଙ୍କିଂ ଏବଂ ରେଳ କ୍ଷେତ୍ରର ପ୍ରମୁଖ ଅଧିକାରୀଙ୍କ ସହ ଓଡ଼ିଶାରେ କୋଭିଡ୍ ପରିଚାଳନା ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ଭିତିଭୂମି ଉପରେ ସମୀକ୍ଷା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଶ୍ରୀ ପ୍ରଧାନ ସମସ୍ତଙ୍କୁ ରାଜ୍ୟରେ ଟେଷ୍ଟି, ଭେଂଟିଲେଟର, ଟିକାକରଣ ଓ ଅକ୍ସିଜେନ ବ୍ୟବସ୍ଥା ବଢାଇବା ସହ ସ୍ୱାସ୍ଥ୍ୟ ଭିତିଭୂମି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ । ଓଡ଼ିଶାରେ ପରିଚାଳିତ ପିଏସୟୁ, କେନ୍ଦ୍ର ସ୍ୱାସ୍ଥ୍ୟ ଅନୁଷ୍ଠାନ, ବ୍ୟାଙ୍କିଂ କ୍ଷେତ୍ର ତଥା କର୍ପୋରେଟ୍ ସେକ୍ଟର ଏହି ମାହାମାରୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ତିଆରି କରିବା ଦରକାର । ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ଼ କରିବା, ଆଇସୋଲେସନ ବେଡର କ୍ଷମତା ବୃଦ୍ଧି କରିବା ସହ ଆଇସିୟୁ ଏବଂ ଅକ୍ସିଜେନ ସଂଯୁକ୍ତ ବେଡକୁ ବୃଦ୍ଧି କରିବା ଦିଗରେ ସମସ୍ତେ ମିଳିତ ଭାବେ ପଦକ୍ଷେପ ନେବା ସହ ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବା ଦରକାର । ସମସ୍ତ ଅଂଶୀଦାର ମାନେ ଟେଷ୍ଟିଂ, ଟିକାକରଣ ସୁବିଧା, ଭେଟିଂଲେଟର, ଅମ୍ଳଜାନ ଯୋଗାଣ, ଆଇସିୟୁ ସହ ବେଡ୍ ବ୍ୟବସ୍ଥା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ମେଡ଼ିକାଲ ଉପକରଣର ଉପଲବ୍ଧିକୁ ବିକଶିତ କରି ବର୍ତମାନ କୋଭିଡ୍ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ଦରକାର । ରାଜ୍ୟର ଦୁଇଟି ଅଗ୍ରଣୀ ଇନଷ୍ଟିଚ୍ୟୁଟ୍ ଆରଏମଆରସି ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫସାଇନ୍ସକୁ ଅଧିକରୁ ଅଧିକ ଟେଷ୍ଟିଂକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଲି ଏବଂ ପିଏସୟୁ ଗୁଡ଼ିକୁ ମଧ୍ୟ ନିଜ ନିଜ ବ୍ୟବସ୍ଥାରେ ଟେଷ୍ଟିଂ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ତିଆରି କରିବା ପାଇଁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ ।

# ‘ଗର୍ଭବତୀଙ୍କୁ କରୋନା ଟିକା ମନା’



**ଭୁବନେଶ୍ୱର :** ମହାମାରୀ କରୋନା ସମୟରେ ଗର୍ଭଧାରଣ କେତେ ସୁରକ୍ଷିତ ? ଏ ପ୍ରଶ୍ନ ଆପଣଙ୍କ ମନରେ ନିଶ୍ଚିୟ ଉଠୁଥିବ । ଯଦି କରୋନା ସମୟରେ ଆପଣ ଗର୍ଭ ଧାରଣ କରିଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଗର୍ଭାବସ୍ଥାରେ ରୋଗ ପ୍ରତିଷେଧକ ଶକ୍ତି କମିଯାଏ । ଫୁସ୍‌ଫୁସ୍ ଜନିତ ରୋଗ ବେଶୀ ହୁଏ । ଆଉ ଏଭଳି ସମୟରେ କରୋନା ହେଲେ ମାଆ ଓ ଶିଶୁଙ୍କ ପ୍ରତି ବିପଦ ସୃଷ୍ଟି କରେ । ତେଣୁ କରୋନା କାଳରେ ଗର୍ଭ ରହିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି କହିଛନ୍ତି କଟକ ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ତୁଷାର ଜ୍ୟୋତି କର । କୋଭିଡ୍ ସମୟ ଯୋଗୁଁ ଆପଣ ଗର୍ଭଧାରଣ ବେଳେ ପ୍ରତି ମାସରେ ନ ଆସି ମାସେ ଲେଖାଏଁ ବ୍ୟବଧାନରେ ମେଡିକାଲ୍ ଚେକ୍ ଅପ୍ ପାଇଁ ଯାଆନ୍ତୁ । ମେଡିକାଲ ଗଲା ବେଳେ କୋଭିଡ୍ ଗାଇଡଲାଇନ୍ ମାନନ୍ତୁ । ଗର୍ଭାବସ୍ଥାରେ ଅଲଟ୍ରାସାଉଣ୍ଡ କରିବା ଉଚିତ । ତେବେ, ଅଲଟ୍ରାସାଉଣ୍ଡ ବେଳେ ସମସ୍ତ କୋଭିଡ୍ ଗାଇଡଲାଇନ୍ ମାନିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର । ଗର୍ଭାବସ୍ଥାରେ ମାଆ କରୋନା ସଂକ୍ରମିତ ହେଲେ ଶିଶୁ ସମୟ ପୂର୍ବରୁ ଜନ୍ମ ନେଇଥାଏ । ଅର୍ଥାତ୍ ପରିପକ୍ୱ ବୟସ ହେବା ପୂର୍ବରୁ ଛୁଆ ଜନ୍ମ ହୁଏ । ମାସ ଅନୁପାତ ଅନୁସାରେ ଛୁଆର ଅଭିବୃଦ୍ଧି ହୋଇନପାରେ । ଗର୍ଭାବସ୍ଥା ଭଳି ସମ୍ବେଦନଶୀଳ ସମୟରେ ମାଆ ଗୁରୁତର ହେଲେ ସେଥିପାଇଁ ସରକାର ବ୍ୟବସ୍ଥା କରିଛନ୍ତି । କଟକ ଏସ୍‌ସିବିର ପ୍ରସୂତି ୱାର୍ଡରେ ୩୦ଟି ଅଲଗା ଶଯ୍ୟା କରିଛନ୍ତି । ଏଥିରେ କୋଭିଡ୍ ସଂକ୍ରମିତ ପ୍ରସୂତିଙ୍କ ଚିକିତ୍ସା କରାଯିବ । ଏଥିରେ ଭେଣ୍ଟିଲେଟର ବ୍ୟବସ୍ଥା ରହିଛି । ଜିଲ୍ଲା ଚିକିତ୍ସାଳୟରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ସାଧାରଣ ରୋଗୀ ଭଳି ଗର୍ଭବତୀ ମହିଳା ସୁସ୍ଥ ହେଉଛନ୍ତି । ତେବେ, ଗାଇଡଲାଇନ୍ ଅନୁସାରେ ଗର୍ଭାବସ୍ଥା ସମୟରେ କିମ୍ବା କ୍ଷୀର ଦେଉଥିବା ମାଆ କରୋନା ଟିକା ନେବେ ନାହିଁ । ପ୍ରଥମ ଡୋଜ୍ ଟିକା ନେବା ପରେ କେହି ମହିଳା ଗର୍ଭଧାରଣ କଲେ ଦ୍ୱିତୀୟ ଡୋଜ୍ ଟିକା ନେବା ଅନୁଚିତ ବୋଲି ଡାକ୍ତର କହିଛନ୍ତି ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି